ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୨୮, ଭୁବନେଶ୍ୱର: ଜୁଲାଇ ୨୧-୨୭, ୨୦୨୫ Vol-16, Issue-28, Bhubaneswar : July 21-27, 2025

RNI NO.ODIODI/2010/33715

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କଟକ ସାଂସଦ

## ସମୃଦ୍ଧ ମଡେଲ୍ ଅଞ୍ଚଳ ହେବ କଟକ ଓ ଆଖପାଖ ଅଞ୍ଚଳ



ଭୁବନେଶ୍ୱର: କଟକ ସଂସଦୀୟ କ୍ଷେତ୍ର ଓ ଆଖପାଖ ଅଞ୍ଚଳକୁ ଏକ ସମୃଦ୍ଧ ମଡେଲ୍ ଅଞ୍ଚଳ ଭାବେ ବିକଶିତ କରାଯିବ। ତେଣୁ ଫୋକସ୍‌ରେ ରହିଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଭୂମି ସତ୍ୟଭାମାପୁରର ସମନ୍ୱିତ ବିକାଶ, ସିଏମ୍‌ସି ଏବଂ ସିଡିଏ ଅଞ୍ଚଳ ପାଇଁ ଡ୍ରେନେଜ୍ ମାଷ୍ଟର୍ ପ୍ଲାନ୍, ମହାନଦୀରେ ବ୍ୟାରେଜ୍ ଯୋଜନା, ବଡ଼ମ୍ବା ସୁଗାର ମିଲ୍ ଓ ଭଗତପୁର କଟନ ମିଲ୍‌ର ପୁନଃ କାର୍ଯ୍ୟକାରିତା ଓ ଉପଖଣ୍ଡସ୍ତରୀୟ କୋଲ୍ଡ ଷ୍ଟୋରେଜ୍ ନିର୍ମାଣ। ଏହା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଟକ ସାଂସଦ ଭର୍ତ୍ତୃହରି ମହତାବ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସାକ୍ଷାତ କରି କଟକ ସଂସଦୀୟ କ୍ଷେତ୍ରର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଛନ୍ତି। ବୈଠକରେ, କଟକ ସହରର ଓଏମ୍‌ପି ଅଞ୍ଚଳରେ ଭେଣ୍ଡିଙ୍ଗ ଜୋନ୍, ଏକ ବୃହତ୍ କନ୍‌ଭେନ୍‌ସନ୍ ସେଣ୍ଟର୍ ସ୍ଥାପନ, ରାଣୀହାଟ ଅଞ୍ଚଳର ଉନ୍ନତିକରଣ, ପ୍ରେସ ଛକ ଅଞ୍ଚଳରେ ଏକ ପାର୍କ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରୁ ଜଣାପଡ଼ିଛି ଯେ ମୁଖ୍ୟମନ୍ତ୍ରୀ ଏହି ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଏବଂ ପ୍ରଶାସନିକ ସ୍ତରରେ ପ୍ରତ୍ୟେକ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ସଚିବଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଆଲୋଚନାରେ ଅଧିକ ସଂଯୁକ୍ତ ପ୍ରୟାସ ଦ୍ୱାରା କଟକ ଜିଲ୍ଲା ଏବଂ ତାହାର ଉପଖଣ୍ଡ ଅଞ୍ଚଳକୁ ଏକ ଆଧୁନିକ ଓ ସମୃଦ୍ଧ ମଡେଲ୍ କ୍ଷେତ୍ର ବନେଇବା ପାଇଁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଗରାଇ ଥାନାରେ ସୌମ୍ୟାଙ୍କ ଭାଇ ଦେଲେ ଏତଲା

ଭୁବନେଶ୍ୱର: ବହୁ ଚର୍ଚ୍ଚିତ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ ସୌମ୍ୟାଶ୍ରୀଙ୍କ ବଡ଼ଭାଇ ସୌମ୍ୟରଞ୍ଜନ ବିଶି ସନ୍ଧ୍ୟାରେ ଭୋଗରାଇ ଥାନାରେ ଲିଖିତ ଏତଲା ଦେଇଛନ୍ତି। ତାଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ନିବେଦନ କରିଛନ୍ତି, ଅନ୍ୟଥା ସପରିବାର ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ କିଛି ଲୋକ ନିକୃଷ୍ଟ ରାଜନୀତି କରିବା ସହ ତାଙ୍କ ପରିବାରବର୍ଗଙ୍କୁ ନାନା ଭାବେ ଅତ୍ୟାଚାରିତ, ଅପମାନିତ ପୂର୍ବକ ଚାପଗ୍ରସ୍ତ କରାଉଛନ୍ତି। ସୌରଭ ବେହେରା, ଏସ୍‌ଏସ୍‌ପି ଶୁଭ୍ରାଂଶୁ ଶେଖର, ଅଜୟ କୁମାର ପଣ୍ଡା, ବୃଷଭାନୁ ପତି ଏବଂ ଅନ୍ୟ କିଛି ବ୍ୟକ୍ତି ଏଥିରେ ଜଡ଼ିତ ଥିବାର ସେ ଉଲ୍ଲେଖ କରିଛନ୍ତି। ସେମାନେ ମନ୍ଦ ଉଦ୍ଦେଶ୍ୟ ଗଣମାଧ୍ୟମ ଓ ସୋସିଆଲ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ଅପପ୍ରଚାର କରୁଛନ୍ତି। ତାଙ୍କ ମୃତ ଭଉଣୀଙ୍କ ନାମରେ କୁତ୍ସାରଟନା ମଧ୍ୟ କରୁଛନ୍ତି। ସମ୍ପ୍ରତି ଦୁଃଖ ସମୟରେ କୁତ୍ସାରଟନା କରି ଅପମାନ କରିବା ତାଙ୍କ ପରିବାର ପାଇଁ ଅସହ୍ୟ ହୋଇପଡୁଛି। ଯଦ୍ୱାରା ତାଙ୍କ ପରିବାରବର୍ଗଙ୍କ ଜୀବନ ଦୁର୍ବିସହ ହେଉଥିବା ସୌମ୍ୟରଞ୍ଜନ ଅଭିଯୋଗ କରିଛନ୍ତି। ତାଙ୍କ ପରିବାରକୁ ନ୍ୟାୟଦେବା ପରିବର୍ତ୍ତେ ପ୍ରଶାସନ, ସରକାର ଏବଂ ତଦନ୍ତକାରୀ ସଂସ୍ଥାକୁ ବାଟବଣା କରି ପ୍ରକୃତ ଅପରାଧିଙ୍କୁ ଖସାଇ ଦେବାକୁ ମଧ୍ୟ ସେମାନେ ଷଡ଼ଯନ୍ତ୍ର କରୁଥିବା ଭଳି ସଙ୍ଗୀନ ଅଭିଯୋଗ ସେ କରିଛନ୍ତି। ଅନ୍ୟପକ୍ଷରେ ଉପରୋକ୍ତ ଘଟଣାର ବିହିତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିବେଦନ କରିଛନ୍ତି। ଅନ୍ୟଥା ସପରିବାର ଆତ୍ମହତ୍ୟା କରିବାକୁ ବାଧହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ୟୁଜିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ର ତଦନ୍ତ ଆରମ୍ଭ

ଭୁବନେଶ୍ୱର: ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଦିଲ୍ଲୀରୁ ୟୁଜିସିର ଏକ ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ବାଲେଶ୍ୱରରେ ପହଞ୍ଚିଛନ୍ତି। ପ୍ରଫେସର ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ଆସିଥିବା ଏହି ଟିମ୍‌ରେ ପ୍ରଫେସର ସୁଷମା ଯାଦବ, ଡ. ନିରଜା ଗୁପ୍ତା ଏବଂ ୟୁଜିସିର ଯୁଗ୍ମ ସଚିବ ଅସୀମା ମଙ୍ଗଲା ଅଛନ୍ତି। ଟିମ୍‌ର ସଦସ୍ୟମାନେ ଫକୀରମୋହନ କଲେଜର ନୂଆ ଅଧ୍ୟକ୍ଷ ଓ ଆଇସିସି ସଦସ୍ୟଙ୍କୁ ପଚରାଉଚରା କରୁଥିବା ଜଣାଯାଇଛି। ଏହି ଟିମ୍ ୨ଦିନ ଧରି ଛାତ୍ରୀ ମୃତ୍ୟୁ ଘଟଣାର ବିଧିବଦ୍ଧ ତଦନ୍ତ କରିବେ। ଏହି ଟିମ୍ ୭ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡ଼ିଛି।

ସେହିପରି ଉଚ୍ଚ ଶିକ୍ଷା ବିଭାଗର ଉଚ୍ଚସ୍ତରୀୟ କମିଟି ମଧ୍ୟ ତଦନ୍ତ ପାଇଁ ବାଲେଶ୍ୱରରେ ପହଞ୍ଚିଛି। ଦୁଇଦିନ ଏହି ଉଚ୍ଚ ସ୍ତରୀୟ କମିଟି ତଦନ୍ତ କରିବ। ତେବେ ତଦନ୍ତ ସମୟରେ ଆଇସିସି କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିବାକୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୩ ଜଣ ଛାତ୍ରଛାତ୍ରୀଙ୍କୁ ଉପସ୍ଥିତ ରହିବାକୁ ମଧ୍ୟ କୁହାଯାଇଛି। ଏସ୍‌ସିବିରେ ଚିକିତ୍ସିତ ଛାତ୍ରଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଗତ ୧୨ତାରିଖରେ କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲା। ସୋମବାର ରାତିରେ ସେ ଆଖି ବୁଜିଥିଲେ। ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରେ ଥିବା ତାଙ୍କ ଜନ୍ମମାଟିରେ ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ଘଟଣାରେ ଏଫ୍‌ଏମ୍ କଲେଜ ଅଧ୍ୟକ୍ଷ ଓ ଏଚ୍‌ଓଡିଙ୍କୁ ଉଚ୍ଚ ଶିକ୍ଷା ବିଭାଗ ନିଲମ୍ବିତ କରିଥିଲା। ଏଥିସହ ପୁଲିସ ଏଚ୍‌ଓଡି ସମୀର ସାହୁ ଓ କଲେଜ ଅଧ୍ୟକ୍ଷଙ୍କୁ ଗିରଫ କରିଥିଲା।

## ୪୮୭୯.୩୦ କୋଟି ବ୍ୟୟରେ ‘ସମୃଦ୍ଧ ସହର ଯୋଜନା’

**ଭୁବନେଶ୍ୱର:** ସହରାଞ୍ଚଳରେ ସମନ୍ୱିତ ବିକାଶ ନିମନ୍ତେ ରାଜ୍ୟ ସରକାର ନୂଆ ଯୋଜନା ‘ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା’ ବା ଏମ୍‌ଏସ୍‌ବିୱାଇର ପ୍ରଣୟନ ପରେ ଆଉ ଏକ ଯୋଜନା ‘ସମୃଦ୍ଧ ସହର ଯୋଜନା’ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଯୋଜନାରେ ସର୍ବମୋଟ୍ ୪୮୭୯.୩୦ କୋଟି ଟଙ୍କା ବ୍ୟୟହେବ। ଏ ସମ୍ପର୍କିତ ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ଫଳରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ସ୍ୱପ୍ନ ସାକାର ହେବ।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ରାଜ୍ୟ କ୍ୟାବିନେଟ୍ ବୈଠକ। ବୈଠକ ପରେ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି, ରାଜ୍ୟ କ୍ୟାବିନେଟ୍‌ର ୨୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ୧୧ଟି ବିଭାଗର ୧୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ ମୋହର ବାଜିଛି। ‘ସମୃଦ୍ଧ ସହର’ ଯୋଜନାକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ୪,୮୭୯.୩୦ କୋଟି ଟଙ୍କା ବ୍ୟୟରେ ଓଡ଼ିଶାର ସହରଗୁଡ଼ିକୁ ବିକାଶ ଓ ଅର୍ଥନୈତିକ କେନ୍ଦ୍ର ଭାବେ ଗଢ଼ିବା ଲକ୍ଷ୍ୟ ରହିଛି। ରାଜ୍ୟ ସରକାରଙ୍କ ଏହା ଏକ ଐତିହାସିକ ପଦକ୍ଷେପ। ମୂଳ ଲକ୍ଷ୍ୟ ହେଉଛି ଯୋଜନାବଦ୍ଧ ସହରୀକରଣ ଏବଂ ରାଜ୍ୟରେ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦେବା। ‘ବିକଶିତ ଓଡ଼ିଶା ୨୦୩୬’ ଲକ୍ଷ୍ୟର ଅଂଶ ଭାବରେ ଏହି ଯୋଜନା ସହରଗୁଡ଼ିକୁ ବିକାଶର କେନ୍ଦ୍ର ଓ ଅର୍ଥନୀତିର ମୁଖ୍ୟ ଶକ୍ତି ଭାବେ ଗଢ଼ିବାକୁ ଯୋଜନା କରାଯାଇଛି। ମୁଖ୍ୟ ଶାସନ ସଚିବ କହିଛନ୍ତି, ‘ସମୃଦ୍ଧ ସହର’ ଯୋଜନାରେ ଦୁଇଟି ପ୍ରମୁଖ ଅଂଶ ରହିଛି। ତାହା ହେଉଛି ସହର ପରିକଳ୍ପନା ଯୋଜନା ଓ ସହରଗୁଡ଼ିକୁ ବିକାଶ କେନ୍ଦ୍ର ଭାବେ ଗଢ଼ିବା। ଏହି ଯୋଜନା ରାସ୍ତା, ଜଳଯୋଗାଣ, ସ୍ୱରେଜ୍ ବ୍ୟବସ୍ଥା ଏବଂ କଠିନ ବର୍ଜ୍ୟ ପରିଚାଳନା ଭଳି ଅତ୍ୟାବଶ୍ୟକ ସହରୀ ଭିତ୍ତିଭୂମି ଯୋଗାଇବାକୁ ସହଜ କରିବ। ୪,୧୧୪ କୋଟି ଟଙ୍କାର ବଜେଟ୍ ଆବଣ୍ଟନ ସହିତ, ଏହି ପଦକ୍ଷେପ ଜମି ଏବଂ ସମ୍ପତ୍ତି ପରିଚାଳନାକୁ ଉଲ୍ଲେଖନୀୟ ଭାବେ ଉନ୍ନତ କରିବ ଏବଂ ସ୍ଥାୟୀ ବିକାଶକୁ ପ୍ରୋତ୍ସାହନ ଦେବ। ଦ୍ୱିତୀୟରେ ସହରଗୁଡ଼ିକୁ ବିକାଶ କେନ୍ଦ୍ର ଭାବେ ଗଢ଼ିବା ପାଇଁ ବି ପ୍ରୟାସ ହୋଇଛି। ମୋଟ୍ ୭୬୫.୩୦ କୋଟି ଟଙ୍କାର ନିବେଶ ସହିତ, ଏଥିରେ ସହରୀ ଅଞ୍ଚଳଗୁଡ଼ିକୁ ଅର୍ଥନୈତିକ ପରିବର୍ତ୍ତନର କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବାକୁ ଲକ୍ଷ୍ୟ ରହିଛି। ଏହି ଯୋଜନା କେବଳ ଭିତ୍ତିଭୂମି ଏବଂ ସହରୀ ପରିଚାଳନାକୁ ଉନ୍ନତ କରିବ ନାହିଁ, ବରଂ ରୋଜଗାର, ଘରୋଇ କ୍ଷେତ୍ର ନିବେଶ ଓ ଶିଳ୍ପ ବିସ୍ତାର ପାଇଁ ନୂଆ ପଥ ସୃଷ୍ଟି କରିବ ବୋଲି ସେ ପ୍ରକାଶ କରିଛନ୍ତି।

## ପଞ୍ଚାୟତ ପ୍ରତିନିଧିଙ୍କୁ ମିଳିବ ଅନୁକମ୍ପାମୂଳକ ସହାୟତା

**ଭୁବନେଶ୍ୱର:** ରାଜ୍ୟର ପଞ୍ଚାୟତ ପ୍ରତିନିଧିମାନଙ୍କ ପାଇଁ କାର୍ଯ୍ୟ ଅବଧି ସମୟରେ ମୃତ୍ୟୁ କିମ୍ବା ଅକ୍ଷମତା ସ୍ଥିତି ଦେଖାଦେଲେ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ନେଇଛନ୍ତି। ନିଷ୍ପତ୍ତି ଅନୁଯାୟୀ ପଞ୍ଚାୟତିରାଜ ବ୍ୟବସ୍ଥାରେ କାର୍ଯ୍ୟରତ ୱାର୍ଡ ମେମ୍ବରଙ୍କଠୁ ଆରମ୍ଭ କରି ଜିଲ୍ଲାପରିଷଦ ସଭାପତିଙ୍କ ପର୍ଯ୍ୟନ୍ତ ସମସ୍ତେ ଏଥିରେ ଅନ୍ତର୍ଭୁକ୍ତ ହେବେ। ପଞ୍ଚାୟତ ପ୍ରତିନିଧିମାନଙ୍କ କାର୍ଯ୍ୟଅବଧି ସମୟରେ କୌଣସି କାରଣରୁ ମୃତ୍ୟୁ ଘଟିଲେ ତାଙ୍କର ନିକଟତମ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ। ସେହିଭଳି ଉଭୟ ଆଖି, ହାତ କିମ୍ବା ଗୋଡ଼ ନଷ୍ଟହେଲେ ସମ୍ପୃକ୍ତ ପଞ୍ଚାୟତ ପ୍ରତିନିଧିଙ୍କୁ ୨ଲକ୍ଷ ଟଙ୍କା ଏବଂ ଯଦି ଗୋଟିଏ ଆଖି କିମ୍ବା ଗୋଟିଏ ହାତ କିମ୍ବା ଗୋଡ଼ ନଷ୍ଟହୁଏ ତେବେ ତାଙ୍କୁ ୧ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ।

ସାମ୍ବିଧାନିକ ବ୍ୟବସ୍ଥାରେ ପଞ୍ଚାୟତ ପ୍ରତିନିଧିମାନେ ହେଉଛନ୍ତି ତୃଣମୂଳ ସ୍ତରରେ ନିର୍ବାଚିତ ପ୍ରତିନିଧି। ସେମାନେ ସିଧାସଳଖ ଲୋକଙ୍କ ସହ ଯୋଡ଼ିହୋଇ ରହିଥାନ୍ତି। ଲୋକଙ୍କ ସୁବିଧା ଅସୁବିଧାରେ ସେମାନଙ୍କୁ ସହାୟତା କରନ୍ତି। ଗ୍ରାମାଞ୍ଚଳ ବିକାଶରେ ସେମାନଙ୍କର ମହତ୍ୱପୂର୍ଣ୍ଣ ଅବଦାନ ରହିଥାଏ। କିନ୍ତୁ, ସେମାନଙ୍କ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଲେ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

ତେଜସ୍ୱିନୀ

### ବିଶେଷ ଦୃଷ୍ଟି ଆକର୍ଷଣ

- ତୱାଙ୍ଗ୍
- ସାଙ୍ଗ ଘରେ ସଫେଇ
- ନିଆରା ବେଡ୍
- ରୂପସଜ୍ଜାରେ ଅଳଙ୍କାର

# ସମବାୟ ଓ ଅନ୍ତର୍ଭୁକ୍ତି ବିକାଶ

ଊନବିଂଶ ଶତାବ୍ଦୀରେ ବ୍ରିଟେନ୍‌ରେ ଦେଖାଦେଇଥିବା ଉଦ୍ୟୋଗିକ ବିପ୍ଲବର ସମାଲୋଚନା ପ୍ରକାଶ ପାଇଥିଲା 'ଅନ୍.ଟୁ.ଦି.ଲାଷ୍ଟ' ପୁସ୍ତକରେ। ଗାନ୍ଧିଜୀ ଏହି ପୁସ୍ତକଟି ପଢ଼ିବାରୁ ତାଙ୍କ ମନରେ ଏହା ଗଭୀରଭାବେ ପ୍ରଭାବ ପକାଇଥିଲା। ଗାନ୍ଧିଜୀ ଉକ୍ତ ପୁସ୍ତକଟି ଅନୁବାଦକରି ନାମ ଦେଇଥିଲେ 'ସର୍ବୋଦୟ'। ଯାହାର ମୁଖ୍ୟ ସାରାଂଶ ଥିଲା ସମସ୍ତଙ୍କ କଲ୍ୟାଣରେ ହିଁ ବ୍ୟକ୍ତିର ମଙ୍ଗଳ ହୁଏ। ଗାନ୍ଧୀ ଏହି ଅନ୍ତର୍ଭୁକ୍ତିକୁ ଠିକ୍ ଭାବରେ ବୁଝିଥିଲେ ଏବଂ ତାହା ହିଁ ତାଙ୍କର 'ସ୍ୱରାଜ୍ୟ'ର ପରିକଳ୍ପନା ଥିଲା।

ଆମେ ବର୍ତ୍ତମାନ ମିଛ ବାହାନାର ସାହାରା ନେଇ 'ଅନ୍ତର୍ଭୁକ୍ତି ବିକାଶ'ର କଥା କହୁଛୁ। କିନ୍ତୁ ବହୁ ଲୋକ ଏହି ଅନ୍ତର୍ଭୁକ୍ତି ବିକାଶର ବହୁ ଦୂରରେ। କାରଣ ସମାଜରେ ଦିନକୁ ଦିନ ଅର୍ଥନୈତିକ ଅସମାନତା ବୃଦ୍ଧି ପାଇବାରେ ଲାଗିଛି। ୪୦ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ରହିଛନ୍ତି। ମାନବ ବିକାଶ ମାନଦଣ୍ଡରେ ଭାରତୀୟମାନେ ବହୁ ପଛରେ। ଏହା ଗୋଟିଏ ଦେଶର ଗୁଣାମକ୍ ମାନକୁ ସୂଚିତ କରୁଛି। ଆର୍ଥିକ ଅନ୍ତର୍ଭୁକ୍ତି ପାଇଁ ଆମକୁ ଆଗକୁ ଯିବାକୁ ହେବ। କାରଣ ଅନ୍ତର୍ଭୁକ୍ତି ହିଁ ଆମର ଭବିଷ୍ୟତ। ଲୋକମାନଙ୍କ ନିକଟକୁ କ୍ଷମତା ଯିବା ଆମର ଭବିଷ୍ୟତ। ଆମେ ପଞ୍ଚାୟତିରାଜ ଶାସନକୁ ଗ୍ରହଣ କରିଛୁ। ଯଦି ସମ୍ବିଧାନ ସଂଶୋଧନକୁ ୭୦% ଗରିବ ଓ ଚରମ ଅବହେଳାର ଶିକାର ହେଉଥିବା ଲୋକମାନଙ୍କ ସହ ସମପରିମାଣରେ ଭାଗ କରିପାରିବା, ତେବେ ବିକାଶ ଓ ନ୍ୟାୟ ସେମାନଙ୍କୁ ମିଳିପାରିବ ଏବଂ ସେମାନେ ଅନ୍ତର୍ଭୁକ୍ତି ବିକାଶର ଅଂଶ ହୋଇପାରିବେ। ଅନ୍ତର୍ଭୁକ୍ତି ବିକାଶ କେବଳ ସମ୍ଭବ ସମବାୟ ଆନ୍ଦୋଳନ ମାଧ୍ୟମରେ। ସମବାୟକୁ ଶକ୍ତିଶାଳୀ କରିପାରିଲେ ଏହା ଅର୍ଥନୈତିକ ଅନ୍ତର୍ଭୁକ୍ତି ମାର୍ଗକୁ ଉନ୍ମୋଚିତ ଓ ପ୍ରଶସ୍ତ କରିବ।

ସମବାୟ ଆନ୍ଦୋଳନକୁ ଅର୍ଥନୈତିକ ଜଗତୀକରଣ ସମୟରେ କିପରି ଶକ୍ତିଶାଳୀ କରିପାରିବା ଏହା ଆମ ପାଇଁ ଏକ ଆହ୍ୱାନ। ଏ ଆହ୍ୱାନକୁ ମୁକାବିଲା କରିବା ପାଇଁ ଯେଉଁ ପ୍ରତିଯୋଗିତା ଲୋଡ଼ା ତାହା ସମବାୟ ଦ୍ୱାରା ସମ୍ଭବ କି ? ଯଦି ସମ୍ଭବ ତେବେ ତାହା କିପରି କରାଯାଇପାରିବ ? କେବଳ ସମ୍ବିଧାନ ସଂଶୋଧନ କରିଦେଲେ କିମ୍ବା ସମ୍ବିଧାନରେ ନୂତନ ବ୍ୟବସ୍ଥା ଯୋଡ଼ିଦେଲେ ଏହା ସଫଳ ହେବନାହିଁ। ତାହା ଯଦି ହୋଇପାରୁଥାନ୍ତା ତେବେ ବାରମ୍ବାର ସମ୍ବିଧାନ ସଂଶୋଧନ ହେଉ ନ ଥାନ୍ତା।

୨୦୧୨ ମସିହାକୁ ମିଳିତ ଜାତିସଂଘ ତରଫରୁ ଭାରତରେ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ପାଳନ କରାଯାଇଥିଲା। ପୁଣି ଚଳିତ ୨୦୨୫କୁ ଅନ୍ତର୍ଜାତୀୟ ସମବାୟ ବର୍ଷ ଭାବେ ଭାରତରେ ପାଳନ କରାଯାଉଛି। ମାତ୍ର ୧୩ ବର୍ଷ ମଧ୍ୟରେ ସମବାୟରେ ବିକାଶ ପରିବର୍ତ୍ତେ ବିନାଶ ହୋଇଛି। ୨୦୧୨ ବର୍ଷକୁ ସଫଳ କରିବା ପାଇଁ ଅନେକ କାଗଜପତ୍ର ପ୍ରସ୍ତୁତ ହେଲା, ସେମିନାର ହେଲା, ପ୍ରଚାର ଓ ପ୍ରସାର ହୋଇ ବହୁ କୋଟି ଟଙ୍କା ଖର୍ଚ୍ଚ ହେଲା, କିନ୍ତୁ ବାସ୍ତବତା କ'ଣ ତାହା ପ୍ରକାଶ ପାଇଲା ନାହିଁ। ପ୍ରଥମ ପ୍ରଶ୍ନ ହେଉଛି ମାନସିକ ସ୍ତରରେ ଏହା ପ୍ରବେଶକଲା କି ? ଯଦି ପ୍ରବେଶ କଲାନାହିଁ, ତେବେ କାହିଁକି ପ୍ରବେଶ କଲାନାହିଁ ? ଯଦି ପ୍ରବେଶ କଲା ତେବେ ସମବାୟ ଆନ୍ଦୋଳନରେ ତାହା କିପରି ପରିବର୍ତ୍ତନ ଆଣିଲା ? ଗତ ୧୩ ବର୍ଷ ମଧ୍ୟରେ ଏହାର ତର୍ଜମା ସହ ପ୍ରତିକାର କରିବାର ଥିଲା, କିନ୍ତୁ ତାହା ହେଲା ନାହିଁ। ଆର୍ଥିକ ଅନ୍ତର୍ଭୁକ୍ତି କ୍ଷେତ୍ରରେ ସମବାୟର ଯଥେଷ୍ଟ ଭୂମିକା ରହିଥିଲେ ତାହା ଫଳପ୍ରଦ ହୋଇପାରିଲା ନାହିଁ। କାରଣ କେତେକଜଣ ଦୁର୍ନୀତଗ୍ରସ୍ତ ପେସାଦାରମାନଙ୍କ ଦ୍ୱାରା ଯେଉଁ ହାରରେ ସ୍ୱୟଂ ସହାୟକ ସମବାୟ ସଂସ୍ଥାଗୁଡ଼ିକ ଲୋକମାନଙ୍କୁ ଠକି ଅମାପ ଅର୍ଥର ଅଧିକାରୀ ହେଲେ, ତାହା ସମବାୟ ଆନ୍ଦୋଳନ ପ୍ରତି ଏକ ଶକ୍ତ ଧକ୍କା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆନ୍ତର୍ଜାତିକ ସମବାୟ ବର୍ଷରେ ଓଡ଼ିଶାରେ ଏହି ଘଟଣା ଘଟିଲା, ଗରିବୀ ଲୋକମାନେ ଲୋଭର ବଶବର୍ତ୍ତୀ ହୋଇ ଜମା କରିଥିବା ଅର୍ଥ ହରାଇଲେ। ଫଳରେ ସରକାର ସମବାୟ ଆଇନରେ ପୁନଃ ସଂଶୋଧନ ଆଣିବା ପାଇଁ ବାଧ ହେଲେ।

ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଯୋଜନା କମିଶନ (କୃଷି ଡିଭିଜନ) ଗଠନ କରାଯାଇ ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନାରେ ସମବାୟ ଋଣ ଓ ପରିଚାଳନା ସମ୍ପର୍କରେ ସେମାନଙ୍କ ସୁପାରିସ ପ୍ରଦାନ କରିଥିଲେ। ଏହାର ସାରମର୍ମ ଥିଲା ସମବାୟ ସମ୍ପର୍କିତ ଋଣ ଦେବାର କୌଶଳ କୃଷିର ବିକାଶ କୌଶଳକୁ ଦୃଷ୍ଟିରେ ରଖି ସଂଖ୍ୟାତ୍ମକ ଋଣ ପ୍ରବାହର ଲକ୍ଷ୍ୟ ପୂରଣ ହେବା ଦରକାର। ଯଦିଓ ଏହା ଅନ୍ତର୍ଭୁକ୍ତି ବିକାଶ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଏଥିପାଇଁ ଏଥିରେ ପ୍ରାଥମିକ କୃଷିଋଣ ସମବାୟ ସମିତିଠାରୁ ରାଜ୍ୟ ସମବାୟ ବ୍ୟାଙ୍କ ପର୍ଯ୍ୟନ୍ତ କେବଳ କୃଷିକ୍ଷେତ୍ରକୁ ଋଣ ନ ଦେଇ ଗ୍ରାମୀଣ ଜୀବନ ଜୀବିକା ପାଇଁ ଋଣଦେବା ଉପରେ ଗୁରୁତ୍ୱାରୋପ କରାଯିବାର ଥିଲା, ତାହା ମଧ୍ୟ ହୋଇପାରିଲା ନାହିଁ।

ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକରେ ସଭ୍ୟ ସଂଖ୍ୟା ତୁଳନାରେ ଋଣ ଅତ୍ୟନ୍ତ ନ୍ୟୂନ, ଯଦିଓ ଏ ଦିଗରେ ବୈଦ୍ୟନାଥନ୍ କମିଟି ବହୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ। ଏହାର ଅର୍ଥ ଥିଲା ସବା ତଳସ୍ତରରେ ଥିବା ପ୍ରାଥମିକ ସମବାୟ ସଂସ୍ଥାଗୁଡ଼ିକ ପ୍ରତି ଗ୍ରାମାଞ୍ଚଳର ଗରିବ ଓ କୋଣଠେସା ହେଉଥିବା ଲୋକଙ୍କୁ ଆକୃଷ୍ଟକରି ସଭ୍ୟ ସଂଖ୍ୟା ବୃଦ୍ଧି ସହ ସେମାନଙ୍କର ଅର୍ଥନୈତିକ ଅଭିବୃଦ୍ଧି କରିବା। ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ, ସମବାୟ ଏକ ସଶକ୍ତ ଆନ୍ଦୋଳନ ଭାବେ ନିଜର ପରିଚୟ ସୃଷ୍ଟି କରିପାରିନାହିଁ। ବର୍ତ୍ତମାନ ଏହା ସରକାରଙ୍କ ଏକ ବିଭାଗରେ ପରିଣତ ହୋଇଯାଇଛି ଯେଉଁଠି ଫାଇଲ୍ କଥା କହୁଛି, ମଣିଷ କଥା କହୁନାହିଁ। 'ଅନ୍ତର୍ଭୁକ୍ତି ବିକାଶ' ପାଇଁ ସମବାୟ ଏକ ଆନ୍ଦୋଳନ ହେବା ଅପରିହାର୍ଯ୍ୟ। ଆନ୍ଦୋଳନ ମଧ୍ୟକୁ ସବୁ ଶ୍ରେଣୀ ଓ ସବୁ ବର୍ଗର ଲୋକମାନେ ପ୍ରବେଶ କରିବାର ଆବଶ୍ୟକତା ଅଛି। ସେମାନେ ସେମାନଙ୍କ ଶକ୍ତିମତେ ଶାରୀରିକ, ମାନସିକ ଓ ଆର୍ଥିକ ସହଯୋଗ ଯୋଗାଇଦେଲେ ଆନ୍ଦୋଳନ ଶକ୍ତିଶାଳୀ ହେବ।

ବର୍ତ୍ତମାନ ଦେଶର ରାଜନୈତିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ସମବାୟ ଆନ୍ଦୋଳନକୁ ପରିଚାଳନା କରିବା ଦରକାର। ଜଗତୀକରଣର ବଜାରୀକରଣରୁ ମୁକ୍ତି ପାଇବାର ବାଟ ହେଉଛି ସମବାୟ। କିନ୍ତୁ ସମବାୟ ତା' ବାଟରେ ଠିକ୍ ରୂପେ ନ ଯାଇପାରି ମଝିରେ ମଝିରେ ଝୁଣ୍ଟୁଛି। ଫଳରେ ସମ୍ବିଧାନ ସଂଶୋଧନ, ବିଭିନ୍ନ କମିଟି ଗଠନ ଓ ରିପୋର୍ଟ ପ୍ରଦାନ, କମିଟିଗୁଡ଼ିକର ସୁପାରିସ ଇତ୍ୟାଦିରେ ସମୟ ଓ ଶ୍ରମଶକ୍ତି ଅପଚୟ ହେଉଛି। ଆମେ ଯେତେ ଜୋରରେ ରଡ଼ି ଛାଡୁଥିଲେ ମଧ୍ୟ ମିଳିତଭାବେ ସଂଘବଦ୍ଧ ପ୍ରଚେଷ୍ଟାର ଅଭାବ ଦେଖାଦେଇଛି। ବହୁକ୍ଷେତ୍ରରେ କେତେ ଜଣ ନ୍ୟସ୍ତସ୍ୱାର୍ଥ ରାଜନୈତିକ ବ୍ୟକ୍ତି ସମବାୟର ଅର୍ଥ ନ ବୁଝି ବହୁ କ୍ଷେତ୍ରରେ ଆଡ୍ଡାସ୍ଥଳୀ ଜମାଇ ଏହାକୁ କରାୟତ୍ତ କରିପାରିଛନ୍ତି। ସ୍ୱାର୍ଥକୁ ଆଖି ଆଗରେ ରଖି ଖଣ୍ଡ ବିଖଣ୍ଡିତ ନିୟମକାନୁନ ପ୍ରଣୟନକରି ସମବାୟକୁ ପରିଚାଳନା କରାଯାଇପାରେନା।

ଅନ୍ତର୍ଭୁକ୍ତି ବିକାଶ ପାଇଁ ଲୋଡ଼ା ଅନ୍ତର୍ଭୁକ୍ତି ଚିନ୍ତନ ଓ କାର୍ଯ୍ୟ ପ୍ରଣାଳୀ। ଏ ଦିଗରେ ସବା ତଳସ୍ତରର ଲୋକମାନଙ୍କ ସହ ଅଧିକ ଆଲୋଚନା, ପର୍ଯ୍ୟାଲୋଚନା, ଗ୍ରାମ୍ୟ ସ୍ତରରେ ସେମାନଙ୍କଠାରୁ ତଥ୍ୟ ସଂଗ୍ରହକରି ଠିକ୍ ସିଦ୍ଧାନ୍ତ ଗ୍ରହଣ କରିପାରିଲେ ସମବାୟ ସଫଳ ହେବ ଏବଂ ଅନ୍ତର୍ଭୁକ୍ତି ବିକାଶର ମାର୍ଗ ସୁଗମ ହେବ। କେବଳ ବ୍ୟାଙ୍କଗୁଡ଼ିକରେ ଜମାଖାତା ବା ଋଣ ଖାତା ଖୋଲିବାରେ ସୀମିତ ନ ରହି ଦେଶ ତଥା ରାଜ୍ୟର ପ୍ରତ୍ୟେକ ପରିବାର ଆର୍ଥିକ ଉନ୍ନତିରେ ଅନ୍ତର୍ଭୁକ୍ତି ମିଶନ ମାଧ୍ୟମରେ ଦେଶର ସମସ୍ତ ଲୋକ ଯେପରି ବ୍ୟାଙ୍କ ସେବା ସୁରୁଖୁରୁରେ ପାଇପାରିବେ ସେ ବ୍ୟବସ୍ଥା ଠିକ୍ ରୂପେ କଲେ ଏହାର ସୁଫଳ ଉପଲବ୍ଧି ହୋଇପାରିବ।

ଦୁର୍ନୀତିଖୋର କର୍ମଚାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଦୀର୍ଘଦିନ ଧରି ବିଭିନ୍ନ ସମବାୟ ସମିତିର ପରିଚାଳନା ପରିଷଦରେ ସାମିଲ ଥିବା ସଙ୍କୋଚ ବ୍ୟକ୍ତିବିଶେଷଙ୍କୁ ବିଶ୍ୱାସକୁ ନେଇ ବିଭିନ୍ନ ସମବାୟ ଅନୁଷ୍ଠାନର ପରିଚାଳନାରେ ସାମିଲ କରିପାରିଲେ ସମବାୟର ବିକାଶ ଧାରା ଆପେ ଆପେ ଆଗେଇପାରିବ।

# ଯୁଦ୍ଧ ଓ ସାମ୍ୟବାଦ

ସାରା ବିଶ୍ୱ ବର୍ତ୍ତମାନ ଯୁଦ୍ଧର ଆତଙ୍କ, ଉଗ୍ରବାଦର ଭୟ ଏବଂ ଜଳବାୟୁ ସଙ୍କଟରେ ଜର୍ଜରିତ। ଜନସାଧାରଣଙ୍କ ଧନଜୀବନ ବିପର୍ଯ୍ୟସ୍ତ। କେଉଁ ଦେଶରେ ଦାରିଦ୍ର୍ୟର କଷାଘାତରେ ସାଧାରଣ ମଣିଷ ମୁମୂର୍ଷୁ ଅବସ୍ଥାରେ ବଞ୍ଚୁଛି ତ କେଉଁ ଦେଶରେ ଉଗ୍ରବାଦ, ଅଶିକ୍ଷା, ଜାତି, ଧର୍ମ, ବର୍ଣ୍ଣକୁ ନେଇ ସ୍ପଷ୍ଟ ସଙ୍କଟରେ ମଣିଷ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛି ଏବଂ କେଉଁଠି ଦେଶ ଯୁଦ୍ଧରେ ଲିପ୍ତ। ଏହିସବୁ ସଙ୍କଟକୁ ଦୂରେଇବାକୁ ଓ ଦେଶଗୁଡ଼ିକ ମଧ୍ୟରେ ଭାଇଚାରା ରକ୍ଷା କରିବାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୨୪ ଅକ୍ଟୋବର ୧୯୪୫ରେ ଜାତିସଂଘ ଗଠନ ହେଲା। ତଥାପି ଯେଉଁ ସଙ୍କଟକୁ ସେଇ ସଙ୍କଟ। ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର ଦାଦାଗିରି ଓ ଏକଛତ୍ରବାଦୀ ନୀତି ବିଶ୍ୱ ଶାନ୍ତି ପ୍ରକ୍ରିୟାକୁ ଧୂଳିସାତ୍ କରୁଛି। ଏଥି ନିମନ୍ତେ ସମସ୍ତ ବୁଦ୍ଧିଜୀବୀ ଏବଂ ଜନନାୟକମାନେ ବିଚଳିତ ଓ ମର୍ମାହତ। ସମସ୍ତଙ୍କ ମୁହଁରେ ଗୋଟିଏ ପ୍ରଶ୍ନ ଏ ବିଶ୍ୱ ସୁରକ୍ଷିତ ରହିବ କେମିତି ? କେମିତି ଏ ସଙ୍କଟରୁ ପୃଥିବୀ ଉଦ୍ଧାର ପାଇବ ? ବିଶ୍ୱ ଅସୁରକ୍ଷିତ ରହିବାର ପାଞ୍ଚଟି କାରଣ ଭାବେ ଯୁଦ୍ଧ, ଧର୍ମାନ୍ଧତା, ପରିବେଶ ପ୍ରଦୂଷଣ, ସାମ୍ପ୍ରଦାୟିକତା ଓ ଦାରିଦ୍ର୍ୟକୁ ଗଣାଯାଇପାରେ। ସବୁଠୁ ପ୍ରମୁଖ କାରଣ ହେଉଛି 'ଯୁଦ୍ଧ' ଓ ପରମାଣୁ ବୋମା ସଙ୍କଟ।

୧୯୩୯ରୁ ୧୯୪୫ ମସିହା ପର୍ଯ୍ୟନ୍ତ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ରୂପ ଓ ମଣିଷର ହତ୍ୟା ମାନବ ସଭ୍ୟତାକୁ ଦୋହଲାଇ ଦେଇଥିଲା। ଜାପାନର ହିରୋସିମା ଓ ନାଗାସାକିରେ ଆମେରିକା ପକେଇଥିବା ପରମାଣୁ ବୋମାର ଆତଙ୍କ ଏବେ ବି ମଣିଷ ଭୁଲିପାରୁନି। ହିଟଲରଙ୍କ ଭଳି ଏକଛତ୍ରବାଦୀ ଓ ସାମ୍ରାଜ୍ୟବାଦୀ ଶାସକଙ୍କୁ ସୋଭିଏଟ୍ ରୁଷିଆର ଲାଲ୍‌ବାହିନୀର ବୀରତ୍ୱ ଓ ପରାକ୍ରମ ବିନାଶ କରିପାରିଥିଲା। ପୁଞ୍ଜିବାଦୀ ସାମ୍ରାଜ୍ୟବାଦ ବିରୋଧରେ ସୋଭିଏଟ୍ ରୁଷିଆ ଭଳି ସମାଜବାଦୀ ରାଷ୍ଟ୍ର ଶକ୍ତ ଲୌହଦଣ୍ଡ ଭଳି ଦଣ୍ଡାୟମାନ ହେଲା। ୟୁରୋପର ବହୁଦେଶରେ ସମାଜବାଦ ପ୍ରତିଷ୍ଠା ହେଲା, ଯାହାଫଳରେ ବିଶ୍ୱର ଏକ ନୂଆ ସମୀକରଣ ସୃଷ୍ଟି ହେଲା। ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କ ଭିତରେ କମ୍ପନ ସୃଷ୍ଟି ହେଲା। ଏକଛତ୍ରବାଦ ବନ୍ଦ ହେଲା। ଏହାସହ ବିଶ୍ୱରେ ସନ୍ତୁଳନ ରକ୍ଷା ହେଲା ଏବଂ ଯୁଦ୍ଧର ଭୟ କମିଲା। ଏହାର ଏକ ଉଦାହରଣ ଏଠାରେ ପ୍ରଦାନ କରାଯାଇପାରେ। ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଭାରତକୁ ପରାଜିତ କରିବାକୁ ପାକିସ୍ତାନ ଅନୁରୋଧରେ ଯୁକ୍ତରାଷ୍ଟ୍ର ଆମେରିକା ତା'ର ନୌସେନାର ସର୍ବାଧିକ କ୍ଷମତାଶାଳୀ ସେଭେନ୍ଥ ଫ୍ଲିଟ୍‌ର ଟାସ୍କଫୋର୍ସ-୭୪କୁ ବଙ୍ଗୋପସାଗରରେ ପ୍ରବେଶ କରାଇଲା ଏବଂ ସେହିପରି ଆମେରିକାର ବନ୍ଧୁରାଷ୍ଟ୍ର ଚରମ ସାମ୍ରାଜ୍ୟବାଦୀ ଚରିତ୍ରର ଦେଶ ସଂଯୁକ୍ତ ରାଜ୍ୟ ଗ୍ରେଟ୍ ବ୍ରିଟେନ୍ ତା'ର ସର୍ବୋଚ୍ଚ କ୍ଷମତାଶାଳୀ ଏୟାରକ୍ରାଫ୍ଟ କ୍ୟାରିଅର୍ ଏଚ୍ଏମ୍ଏସ୍ ଇଗଲକୁ ଆରବ ସାଗରରେ ଛାଡ଼ିଲା। ଭାରତକୁ ତିନିପଟରୁ ଘେରିବାକୁ ଯୁକ୍ତରାଷ୍ଟ୍ର ଆମେରିକାର ଥିଲା ସୁଚିନ୍ତିତ ଯୋଜନା। ଭାରତ ତୁରନ୍ତ ସୋଭିଏଟ୍ ରଷିଆକୁ ସାହାଯ୍ୟ ପାଇଁ ଅନୁରୋଧ ଜଣାଇଲା। ରୁଷିଆ ତତ୍କାଳ ସାହାଯ୍ୟର ହାତ ବଢ଼ାଇ ରୁଷିଆନ୍ ଫ୍ଲିଟ୍ ଯାହା ପରମାଣୁ ଅସ୍ତ୍ର ଧ୍ୱଂସକାରୀ ଏବଂ ମିଶାଇଲ୍ ସୁସଜ୍ଜିତ ଯୁଦ୍ଧପୋତ ପଠାଇଲା। ଆମେରିକା ଓ ଗ୍ରେଟ୍ ବ୍ରିଟେନ୍ ଯୁଦ୍ଧପୋତକୁ ଏମିତି ଘେରିଦେଲା ସେମାନେ ବାଧ ହୋଇ ନିଜ ନିଜ ଦେଶକୁ ଫେରିଯାଇଥିଲେ। ତା' ପରେ ପାକିସ୍ତାନ ପରାଜୟ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସ୍ୱାଧୀନ ବାଂଲାଦେଶ ଗଠନ ହେଲା। ଯଦି ରୁଷିଆର ଏପରି କ୍ଷମତା ନ ଥାନ୍ତା ତେବେ ଅନୁମାନ କରନ୍ତୁ ଭାରତର ଅବସ୍ଥା କ'ଣ ହୋଇଥାନ୍ତା।

ଏହିପରି କୋରିଆ ଯୁଦ୍ଧ, କ୍ୟୁବା ଯୁଦ୍ଧ, ସୁଏଜ ସଙ୍କଟ, ହଙ୍ଗେରୀ ସଙ୍କଟ ଇତ୍ୟାଦି ସହ ଆମେରିକାର ଉଦଣ୍ଡତା ଓ ପଶ୍ଚିମ ଦେଶ ସମୂହର ଉଗ୍ରଯୁଦ୍ଧପ୍ରବଣତାକୁ ରୋକିବାରେ ସୋଭିଏଟ୍ ରୁଷିଆର ଉଦ୍ୟମ ସର୍ବବିଦିତ। ଏହି ସାମ୍ରାଜ୍ୟବାଦୀ ଓ ପୁଞ୍ଜିବାଦୀ ଦେଶସମୂହ ରୁଷିଆ ପରି ସମାଜତାନ୍ତ୍ରିକ ଦେଶର ଶକ୍ତିରେ ଖୁବ୍ ଭୟଭୀତ ହୋଇପଡ଼ିଥିଲେ। ସିଧା ଯୁଦ୍ଧରେ ରୁଷିଆକୁ ପରାସ୍ତ କରିପାରିବେ ନାହିଁ ହୃଦୟଙ୍ଗମ କଲା ପରେ ସେମାନେ ରୁଷିଆର ସାମ୍ୟବାଦକୁ ଧ୍ୱଂସବିଧ୍ୱଂସ କରିବାକୁ ବିଭିନ୍ନ କୂଟନୀତି ପ୍ରୟୋଗ କଲେ ଏବଂ ସୋଭିଏଟ ରୁଷିଆକୁ ଖଣ୍ଡବିଖଣ୍ଡିତ କରିବାକୁ ସକ୍ଷମ ହେଲେ। ଏବେ ଆମେରିକାର ଶିଳ୍ପପତିମାନେ ସାରା ସଂସାରକୁ ପ୍ରଭାବିତ କରି ତାଙ୍କର ବ୍ୟବସାୟିକ ବଜାର ଖୋଜିବାରେ ବ୍ୟସ୍ତ ଏବଂ ମିଛ ଜାତୀୟତାବାଦ ସୃଷ୍ଟି କରି ସାରା ବିଶ୍ୱକୁ ନିଜ ଇସାରାରେ ନଚେଇବାକୁ ସାମ୍ରାଜ୍ୟବାଦୀ ଆମେରିକା ତତ୍ପର। ଏହାର ସଦ୍ୟ ଉଦାହରଣ ନେଦରଲାଣ୍ଡର ହେଗ୍ ସହରରେ ଶେଷ ହୋଇଥିବା 'ନାଟୋ' ସମ୍ମିଳନୀ। ଏଥିରେ ସବୁ ସଦସ୍ୟ ରାଷ୍ଟ୍ର ତା'ର ଜିଡିପିର ୫ ପ୍ରତିଶତ ପ୍ରତିରକ୍ଷା ଖର୍ଚ୍ଚ ବଢ଼ାଇବାକୁ ପ୍ରସ୍ତାବ ରଖିଛି ଏବଂ ଏକ ପ୍ରକାର ବାଧ କରିଛି ଆମେରିକା। ବହୁ ରାଷ୍ଟ୍ର ଏହାକୁ ବିରୋଧ କରିଛନ୍ତି। ସେହିପରି ଏବେ ଆମେରିକାର ଆଇନ ପ୍ରଣେତାମାନେ ସିନେଟ୍‌ରେ 'ଶାଙ୍କସନିଂ ରୁଷିଆ ଆକ୍ଟ – ୨୦୨୫' ନାମରେ ଏକ ନୂଆ ବିଲ୍ ଆଗତ କରିଛନ୍ତି। ଉକ୍ତ ବିଧେୟକ ଅନୁଯାୟୀ ରୁଷିଆ ସହ ୟୁରାନିୟମ୍ ଓ ପେଟ୍ରୋଲିୟମ୍ ସାମଗ୍ରୀ କାରବାରରେ ସମ୍ପୃକ୍ତ ଥିବା ଦେଶଗୁଡ଼ିକରୁ ଆମେରିକା ରପ୍ତାନି କରୁଥିବା ସମସ୍ତ ସାମଗ୍ରୀ ଓ ସେବା ଉପରେ ଶୁଳ୍କ ପରିମାଣକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦୦% ପର୍ଯ୍ୟନ୍ତ ବଢ଼ାଇପାରିବେ। ବର୍ତ୍ତମାନ ଭାରତକୁ ସର୍ବାଧିକ ତୈଳ ଯୋଗାଉଥିବା ଦେଶ ହେଉଛି ରୁଷିଆ। ଜୁନ୍‌ରେ ଭାରତ ରୁଷିଆଠାରୁ ଦୈନିକ ୨ରୁ ୨.୨ ନିୟୁତ ବ୍ୟାରେଲ୍ ତୈଳ ଆମଦାନୀ କରିଛି, ଯାହାକି ଗତ ୨ ବର୍ଷରେ ସର୍ବାଧିକ। ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ଲଗାଇପାରେ ଆମେରିକା। ଏହି ଦୁଇଟି ଉଦାହରଣରୁ ଅନୁମାନ କରାଯାଉ, ଆମେରିକା ବଜାର ବୃଦ୍ଧି ପାଇଁ କେତେ ବ୍ୟଗ୍ର ଏବଂ ଯେଉଁଥିପାଇଁ ଟିକସ୍ ବୃଦ୍ଧିଠାରୁ ଯୁଦ୍ଧ ପର୍ଯ୍ୟନ୍ତ ସବୁ ଲାଗୁ କରିପାରିବ। ଏହା ଆମେରିକାର ଏକଚାଟିଆ ଗୁଣର ପରିପ୍ରକାଶ ନୁହେଁ କି ?

ପରମାଣୁ ବୋମା ଗଚ୍ଛିତ କରିପାରିବ ନାହିଁ ଇରାନ୍, ଏହା ଏକ ବାହ୍ୟ ଧମକ। ବାସ୍ତବରେ ସାରା ଦୁନିଆକୁ ନିଜ ଅକ୍ତିଆରରେ ରଖିବା ମୂଳ ଉଦ୍ଦେଶ୍ୟ। ଏବେ ପାଶ୍ଚାତ୍ୟର କେତେକ ଖଳନାୟକ ଦେଶ ବିଶ୍ୱକୁ ଯୁଦ୍ଧର ସଙ୍କଟ ଭିତରକୁ ଟାଣି ନେଉଛନ୍ତି। ତଥାପି ସେମାନଙ୍କୁ ଉଚିତ୍ ଶିକ୍ଷା ଶିଖେଇବାକୁ ରୁଷିଆ, ଚାଇନା ଆଦି ଦେଶ ଅଛନ୍ତି। କିନ୍ତୁ ଦୁଃଖ ଯେ ଏହି ଦୁଇଟି ଦେଶ ଆଉ ପ୍ରକୃତ ସମାଜବାଦ କି ସାମ୍ୟବାଦ ରାସ୍ତାରେ ନାହାନ୍ତି। ତଥାପି ଯେହେତୁ ଏମାନଙ୍କର ମୂଳଦୁଆ ସମାଜବାଦ ତେଣୁ ଏମାନଙ୍କର ପ୍ରତିଟି ପଦକ୍ଷେପ ହୁଏତ ବିଶ୍ୱ ପାଇଁ କଲ୍ୟାଣକାରୀ ହୋଇପାରେ। ସାମ୍ୟବାଦ ଯୁଦ୍ଧ ଚାହେଁନା, ଶାନ୍ତି ଚାହେଁ। ସାମ୍ୟବାଦୀ ରାଷ୍ଟ୍ରରେ ପୁଞ୍ଜିପତିଙ୍କ ପ୍ରଭାବ ନ ଥାଏ, ତେଣୁ ତାଙ୍କର ମନଇଚ୍ଛା ମୁନାଫା ଆବଶ୍ୟକ ପଡ଼େନା। କେବଳ ଶାନ୍ତି ପାଇଁ ଏବଂ ଦୁଷ୍ଟ ଶକ୍ତିଙ୍କ ଦମନ ପାଇଁ ସାମ୍ୟବାଦୀ ବା ସମାଜବାଦୀ ରାଷ୍ଟ୍ରମାନେ ନିଜ ନିଜର ପ୍ରତିରକ୍ଷା ଶକ୍ତିବୃଦ୍ଧି କରିଥାନ୍ତି। ଏବେ ବିଶ୍ୱଶାନ୍ତି ପାଇଁ ଏବଂ ପୁଞ୍ଜିବାଦୀ ସାମ୍ରାଜ୍ୟବାଦୀ ରାଷ୍ଟ୍ରଙ୍କର ଯୁଦ୍ଧ ପ୍ରବଣତାକୁ ରୋକିବା ପାଇଁ ସାମ୍ୟବାଦୀ ବା ସମାଜବାଦୀ ତଥା ଭାରତ ଭଳି ରାଷ୍ଟ୍ରମାନେ ଏକଜୁଟ୍ ହେବାର ସମୟ ଆସିଛି। ବିଶ୍ୱର ସମସ୍ତ ଶାନ୍ତିପ୍ରିୟ ରାଷ୍ଟ୍ର ଏକାଠି ହୋଇ 'ସାମ୍ରାଜ୍ୟବାଦୀ ଓ ଉଗ୍ରବାଦୀ ବିରୋଧୀ ରାଷ୍ଟ୍ର ସମୂହ ସଂଘ' ଗଠନ କରିବା ବିଧେୟ।


# ନାଟୋ ମୁଖ୍ୟଙ୍କୁ ଭାରତର କଡ଼ା ଜବାବ

ୱାଶିଂଟନ୍: ନାଟୋ ସେକ୍ରେଟାରୀ ଜେନେରାଲ ମାର୍କ ରୁଟେ ଚୀନ୍ ଏବଂ ବ୍ରାଜିଲ ସହ ଭାରତକୁ ରୁଷ୍ ସହ ବାଣିଜ୍ୟ ପ୍ରସଙ୍ଗରେ ଚେତାବନୀ ଦେବାର ଠିକ୍ ଦିନକ ପରେ ଭାରତ ପକ୍ଷରୁ ପ୍ରତିକ୍ରିୟା ଦିଆଯାଇଛି। କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଭାରତ ନାଟୋ ମୁଖ୍ୟଙ୍କ ମନ୍ତବ୍ୟ ସମ୍ପର୍କିତ ରିପୋର୍ଟକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରୁଛି। ତେବେ ଭାରତ ଏହା ଉପରେ ସ୍ପଷ୍ଟ କରିଦେବାକୁ ଚାହେଁ ଯେ, ଭାରତ ସରକାରଙ୍କ ପାଇଁ ନିଜ ଦେଶବାସୀଙ୍କ ଆବଶ୍ୟକତା ପୂରଣ କରିବା ଶ୍ରେଷ୍ଠ ପ୍ରାଥମିକତା ରହିଆସିଛି। ପ୍ରଚଳିତ ବୈଶ୍ୱିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ବଜାରରେ ଯାହା ସୁଯୋଗ ମିଳୁଛି ତାହା ଆଧାରରେ ଭାରତ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପ୍ରସଙ୍ଗରେ କୌଣସି ପ୍ରକାର ଦୋମୁହାଁ ନୀତି ବିରୋଧରେ ଭାରତ ସରକାର ସତର୍କତା ପାଳନ କରୁଛନ୍ତି।

ୱାଶିଂଟନରେ ଏକ ସାମ୍ବାଦିକ ସମ୍ମିଳନୀରେ ଆମେରିକୀୟ ସାଂସଦ ଟମ ଟିଲିସ, ଜିଏନି ଶାହିନଙ୍କ ଉପସ୍ଥିତିରେ ନାଟୋ ମୁଖ୍ୟ ରୁଟେ୍ ଗତକାଲି କହିଥିଲେ, ଭାରତ, ଚୀନ ଏବଂ ବ୍ରାଜିଲ ରୁଷ୍ ସହିତ ଅର୍ଥନୈତିକ ସମ୍ପର୍କ ଉପରେ ପୁନର୍ବିଚାର କରନ୍ତୁ, ନଚେତ ୧୦୦% ସାଙ୍କସନର ସମ୍ମୁଖୀନ ହେବା ପାଇଁ ପ୍ରସ୍ତୁତ ରୁହନ୍ତୁ। ଏହାସହିତ ସେ ଭାରତ ସମେତ ୩ ଦେଶକୁ ରୁଷ୍ ଉପରେ ଚାପ ପକାଇ ଶାନ୍ତି ଫେରାଇ ଆଣିବାକୁ ଉଦ୍ୟମ କରିବାକୁ ମଧ୍ୟ ଅନୁରୋଧ କରିଥିଲେ। ପ୍ରକାଶ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ନିକଟରେ ଯୁଦ୍ଧ ବନ୍ଦ ପ୍ରସଙ୍ଗରେ ଆଗାମୀ ୫୦ ଦିନ ମଧ୍ୟରେ ଏକ ଚୁକ୍ତି କରିବାକୁ ରୁଷ୍‌କୁ ଆହ୍ୱାନ କରିଥିବା ବେଳେ ଏଥିରେ ଖିଲାପି ହେଲେ ରୁଷ୍ ଉପରେ ୫୦୦% ଶୁଳ୍କ ଲାଗୁ କରାଯିବା ନେଇ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ରୁଟେ କହିଥିଲେ ଯେ, ରୁଷ୍ ପାଇଁ ଆମେରିକା ସରକାରଙ୍କ ଏହି ନୀତି ଭାରତ, ଚୀନ୍ ଏବଂ ବ୍ରାଜିଲ୍ ପାଇଁ ମଧ୍ୟ ଲାଗୁ ହୋଇପାରେ ଯଦି ଏହି ୩ ରାଷ୍ଟ୍ର ଆମେରିକାର ବିରୋଧ ସତ୍ତ୍ୱେ ରୁଷ୍ ସହ ବାଣିଜ୍ୟିକ କାରବାରରେ ନିୟୋଜିତ ରୁହନ୍ତି।

# ଆତଙ୍କବାଦ ବିରୋଧରେ ସହଯୋଗ ବୃଦ୍ଧି କରିବାକୁ ଚୀନର ଆହ୍ୱାନ

ନୂଆଦିଲ୍ଲୀ: ଚୀନ୍ ଶୁକ୍ରବାର ଦିନ ବିଭିନ୍ନ ଦେଶକୁ ଆଞ୍ଚଳିକ ସୁରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ସହଯୋଗ ବୃଦ୍ଧି କରିବାକୁ ଆହ୍ୱାନ କରିଛି। ଆମେରିକା ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈୟବାର ଏକ ଛାମୁଆ ସଂଗଠନ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ (ଟିଆର୍‌ଏଫ୍)କୁ ଏକ ବିଶ୍ୱ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିଛି, ଯିଏ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପାଇଁ ଦାୟୀ। ଏହି ଘଟଣା ପରେ ଚୀନ୍ ଏହି ବିବୃତ୍ତି ଦେଇଛି।



ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଲିନ୍ ଜିଆନ୍ କହିଛନ୍ତି ଯେ, "ଚୀନ ସମସ୍ତ ପ୍ରକାରର ଆତଙ୍କବାଦକୁ ଦୃଢ଼ ଭାବରେ ବିରୋଧ କରେ ଏବଂ ଏପ୍ରିଲ ୨୨ ତାରିଖରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ ଭାବରେ ନିନ୍ଦା କରେ।" ଆମେରିକାର ବୈଦେଶିକ ବିଭାଗ ଟିଆର୍‌ଏଫ୍‌କୁ ବିଶ୍ୱ ଆତଙ୍କବାଦୀ ସଂଗଠନ ଭାବରେ ଘୋଷଣା କରିବା ବିଷୟରେ ତାଙ୍କୁ ପଚରାଯାଇଥିଲା। ସେ କହିଥିଲେ ଯେ, "ଚୀନ ବିଭିନ୍ନ ଦେଶକୁ ଆତଙ୍କବାଦ ବିରୋଧୀ ସହଯୋଗ ବୃଦ୍ଧି କରିବା ଏବଂ ମିଳିତ ଭାବରେ ଆଞ୍ଚଳିକ ସୁରକ୍ଷା ଏବଂ ସ୍ଥିରତା ବଜାୟ ରଖିବା ପାଇଁ ଆହ୍ୱାନ କରୁଛି।" ପୂର୍ବରୁ ଏକ ବିବୃତ୍ତିରେ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓ କହିଥିଲେ ଯେ, ଏହି କାର୍ଯ୍ୟ ପହଲଗାମ ଆକ୍ରମଣ ମାମଲାରେ ନ୍ୟାୟ ସମ୍ପର୍କରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମତାମତକୁ କାର୍ଯ୍ୟକାରୀ କରିବା ପାଇଁ ଆମେରିକାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ପାକିସ୍ତାନର ଅନେକ ଆତଙ୍କବାଦୀ ଗୋଷ୍ଠୀ ପ୍ରତିବନ୍ଧିତ। ଅନେକ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଏବଂ ବ୍ୟକ୍ତି ମିଳିତ ଜାତିସଂଘ ସୁରକ୍ଷା ପରିଷଦର ୧୨୬୭ ପ୍ରତିବନ୍ଧକ ବ୍ୟବସ୍ଥା ଅଧୀନରେ ତାଲିକାଭୁକ୍ତ। ଏଥିରେ ଲସ୍କର-ଏ-ତୈୟବା, ଜୈଶ-ଏ-ମହମ୍ମଦ ଏବଂ ଜମାତ-ଉଦ-ଦାୱା ପରି ଆତଙ୍କବାଦୀ ସଂଗଠନ ଏବଂ ହାଫିଜ୍ ସଇଦ ଏବଂ ମାସୁଦ ଆଝାର ଭଳି ଆତଙ୍କବାଦୀ ଅନ୍ତର୍ଭୁକ୍ତ। ପହଲଗାମ ଆକ୍ରମଣ ପରେ ମିଳିତ ଜାତିସଂଘ ସୁରକ୍ଷା ପରିଷଦ ଏପ୍ରିଲ ୨୫ ତାରିଖରେ ଆକ୍ରମଣକୁ ନିନ୍ଦା କରି ଏକ ବିବୃତ୍ତି ଜାରି କରିଥିଲା, କିନ୍ତୁ ପାକିସ୍ତାନ ଏବଂ ଚୀନର ଆପତ୍ତି ପରେ ବିବୃତ୍ତିରୁ ଟିଆର୍‌ଏଫ୍ ଏବଂ ଲସ୍କର-ଏ-ତୈୟବାର ଉଲ୍ଲେଖ ହଟାଇ ଦିଆଯାଇଥିଲା। ଟିଆର୍‌ଏଫ୍ ପହଲଗାମ ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଏପ୍ରିଲ ୨୨ ତାରିଖରେ ହୋଇଥିବା ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଟିଆର୍‌ଏଫ୍ ଏହି ଆକ୍ରମଣ କରିଥିବା ଦାବି କରିଥିଲା, କିନ୍ତୁ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବା ପରେ ନିଜର ବିବୃତ୍ତି ପ୍ରତ୍ୟାହାର କରି ନେଇଥିଲା। ପହଲଗାମ ଆକ୍ରମଣର ଜବାବରେ, ଭାରତ ମେ ୬-୭ ତାରିଖ ରାତିରେ 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା, ଯେଉଁଥିରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ନଅଟି ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଥିଲା।

# ବ୍ରିଟେନ୍‌ରେ ୧୬ ବର୍ଷକୁ କମିବ ଭୋଟଦାନ ବୟସ

ବ୍ରିଟେନ୍: ବ୍ରିଟେନରେ ଭୋଟଦାନ ବୟସ ୧୮ରୁ ୧୬ ବର୍ଷକୁ ହ୍ରାସ ପାଇବ। ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି ବ୍ରିଟେନର ଲେବର ପାର୍ଟି ସରକାର। ସବୁଠୁ ବଡ଼କଥା ହେଉଛି ଦୀର୍ଘ ୫୬ ବର୍ଷ ପରେ ବ୍ରିଟେନ୍‌ରେ ଦ୍ୱିତୀୟ ଥର ପାଇଁ ଭୋଟଦାନ ବୟସ ସୀମାକୁ ହ୍ରାସ କରାଯାଉଛି। ଏହାପୂର୍ବରୁ ୧୯୬୯ରେ ବ୍ରିଟେନରେ ଭୋଟଦାନ ବୟସକୁ ୨୧ ବର୍ଷରୁ ୧୮ ବର୍ଷକୁ ହ୍ରାସ କରାଯାଇଥିଲା। ୨୦୨୪ରେ ଅନୁଷ୍ଠିତ ବ୍ରିଟେନ ସାଧାରଣ ନିର୍ବାଚନରେ ଲେବର ପାର୍ଟି ଭୋଟଦାନ ବୟସ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା, ଯାହାକୁ ବ୍ରିଟେନବାସୀ ଗ୍ରହଣ କରିଥିଲେ। ସୁତରାଂ କ୍ଷମତାସୀନ ଲେବର ପାର୍ଟି ଏବେ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପୂର୍ବକ ଭୋଟ୍‌ଦାନ ବୟସ ୧୮ରୁ ୧୬ ବର୍ଷକୁ ହ୍ରାସ କରିବାକୁ ଯାଉଛି। ପ୍ରକାଶ, ଏବେ ଇକ୍ୱେଡର, ବ୍ରାଜିଲ, ଅଷ୍ଟ୍ରିଆ ପ୍ରଭୃତି ଦେଶରେ ସର୍ବନିମ୍ନ ଭୋଟଦାନ ବୟସ ୧୬ ବର୍ଷ ରହିଛି। ବ୍ରିଟେନ୍ ଅନ୍ତର୍ଗତ ସ୍କଟଲାଣ୍ଡ ଓ ୱେଲ୍ସରେ ପୌର ଓ ଆଞ୍ଚଳିକ ନିର୍ବାଚନରେ ସର୍ବନିମ୍ନ ଭୋଟଦାନ ବୟସ ୧୬ ବର୍ଷ ରହିଛି। ଏହି ନିଷ୍ପତ୍ତି ସହିତ, ସରକାର ଭୋଟର ପରିଚୟପତ୍ର ପାଇଁ ଏକ ନୂତନ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ କରିଛନ୍ତି, ଯେଉଁଥିରେ ବ୍ୟାଙ୍କ କାର୍ଡ ଏବଂ ଭେଟେରାନ କାର୍ଡ ( ଅବସରପ୍ରାପ୍ତ ସେନା କର୍ମଚାରୀ କାର୍ଡ)କୁ ମଧ୍ୟ ମାନ୍ୟତା ଦିଆଯିବ। ଏହା ଅଧିକ ଲୋକଙ୍କ ପାଇଁ ଭୋଟଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ସହଜ କରିବ। ଏତଦ୍‌ବ୍ୟତୀତ, ନିର୍ବାଚନ ପ୍ରାର୍ଥୀଙ୍କ ଦ୍ୱାରା ବିଦେଶୀ ହସ୍ତକ୍ଷେପ ଏବଂ ଅପବ୍ୟବହାରକୁ ରୋକିବା ପାଇଁ ବ୍ରିଟେନ୍ ସରକାର କଠୋର ନିୟମ ଆଣିବା ଦିଗରେ ମଧ୍ୟ କାମ କରୁଛନ୍ତି। ସରକାର ଭୋଟର ପଞ୍ଜୀକରଣକୁ ଅଧିକ ସ୍ୱୟଂଚାଳିତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି, ଏହାଦ୍ୱାରା ସରକାରୀ ସେବାଗୁଡ଼ିକରେ ବାରମ୍ବାର ସୂଚନା ଦେବାକୁ ପଡ଼ିବ ନାହିଁ।

# ୟୁଲିଆ ସ୍ୱିରିଡେଙ୍କୋ ୟୁକ୍ରେନ୍‌ର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

କିଭ୍: ରୁଷ୍ ସହିତ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ୟୁକ୍ରେନ୍ ତାର ନୂତନ ପ୍ରଧାନମନ୍ତ୍ରୀଙ୍କୁ ଚୟନ କରିଛି। ୟୁକ୍ରେନ୍ ସଂସଦ ଭରଖୋଭନା ରାଡାରେ ନିଆଯାଇଥିବା ଏକ ଐତିହାସିକ ନିଷ୍ପତ୍ତିରେ, ୟୁଲିଆ ସ୍ୱିରିଡେଙ୍କୋଙ୍କୁ ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ କରାଯାଇଛି। ୟୁକ୍ରେନ ସଂସଦରେ ଅନୁଷ୍ଠିତ ଭୋଟିଂରେ ୨୬୨ ସାଂସଦ ତାଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ, ଯେତେବେଳେ କି ୨୨ଜଣ ବିରୋଧ କରିଥିଲେ। ୨୬ ସଦସ୍ୟ ଭୋଟିଂପ୍ରକ୍ରିୟାରୁ ବିରତ ରହିଥିଲେ। ଏହିପରି ବହୁମତରେ ୟୁଲିଆଙ୍କୁ ୟୁକ୍ରେନର ନୂତନ ପ୍ରଧାନମନ୍ତ୍ରୀ ଭାବରେ ନିର୍ବାଚିତ କରାଯାଇଛି। ରାଷ୍ଟ୍ରପତି ଭୋଲଡମିର ଜେଲେନସ୍କି ୟୁଲିଆଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ। ପ୍ରକାଶ, ଏହାପୂର୍ବରୁ ୟୁଲିଆ ୟୁକ୍ରେନର ପ୍ରଥମ ଉପପ୍ରଧାନମନ୍ତ୍ରୀ ଏବଂ ଅର୍ଥନୀତି ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ଏବେ ସେ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି।

# ସ୍କୁଲ୍‌ରେ କଡ଼ାକଡ଼ି ହେବ ନିର୍ଯାତନା ଆଇନ

ଭୁବନେଶ୍ୱର: ରାଜ୍ୟରେ ସମସ୍ତ ବିଦ୍ୟାଳୟରେ ନିର୍ଯାତନା ଆଇନକୁ କଡ଼ାକଡ଼ି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ ସୁରକ୍ଷା ଏବଂ ଛାତ୍ରୀଙ୍କ ପାଇଁ ସ୍କୁଲରେ ସୁରକ୍ଷିତ ବାତାବରଣ ସୁନିଶ୍ଚିତ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ତେବେ ବିଦ୍ୟାଳୟସ୍ତରରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ସୁରକ୍ଷିତ ବାତାବରଣ ତିଆରି ହେବ। ଏନେଇ ବିଭିନ୍ନ ହେଲ୍‌ପଲାଇନ୍ ନମ୍ବର ଜାରି କରିଛି ବିଭାଗ। ସେଗୁଡ଼ିକ ମଧ୍ୟରେ ଓମେନ୍ ହେଲ୍ପଲାଇନ୍- ୧୮୧, ଶିଶୁ ହେଲ୍ପଲାଇନ୍-୧୦୯୮ ଓ ପୁଲିସ ହେଲ୍ପଲାଇନ୍-୧୧୨ ଅନ୍ତର୍ଭୁକ୍ତ। ତେବେ ଆବଶ୍ୟକୀୟ ଜରୁରୀ ସହାୟତା ପାଇଁ ଏହି ହେଲପ୍ ଲାଇନ୍ ନମ୍ବର ଜାରି ହୋଇଛି। ସେହିପରି ଛାତ୍ରଛାତ୍ରୀଙ୍କ ପାଇଁ ହେଲ୍ପଲାଇନ୍ ନମ୍ବର-୧୮୦୦୩୪୫୬୭୨୨। ସୁଦୃଶ୍ୟ ସ୍ଥାନରେ ହେଲ୍ପଲାଇନ୍ ନମ୍ବର ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ମକ୍ଷେତ୍ର, ବିଦ୍ୟାଳୟ ଓ ହଷ୍ଟେଲରେ ହେଲ୍ପଲାଇନ୍ ନମ୍ବର ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଓଡ଼ିଶାରେ ଖୋଲିବ ୫ ନୂଆ ମହିଳା ଏନ୍‌ସିସି ବାଟାଲିଅନ୍

ଭୁବନେଶ୍ୱର: ଓଡ଼ିଶାରେ ୫ ନୂଆ ମହିଳା ଏନ୍‌ସିସି ବାଟାଲିଅନ୍ ଖୋଲାଯିବ। ଏନେଇ ଗୁରୁବାର ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏନ୍‌ସିସି ନିର୍ଦ୍ଦେଶକଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ସୂଚନା ଅନୁସାରେ ଓଡ଼ିଶାରେ ୫ ନୂଆ ମହିଳା ଏନ୍‌ସିସି ବାଟାଲିଅନ୍ ଖୋଲିବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତାବ ରହିଛି। ଏଥିପାଇଁ ଆବଶ୍ୟକୀୟ ଭିତ୍ତିଭୂମି, ମାନବ ସମ୍ବଳ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ରହିଥିବା ସମୟସୀମା ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବା ପାଇଁ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶକଙ୍କୁ ଚିଠି କରାଯାଇଛି।

# ବେଙ୍ଗାଲୁରୁ ଦଳାଚକଟା ମାମଲା: କୋହଲିଙ୍କୁ ଦାୟୀ କଲେ କର୍ଣ୍ଣାଟକ ସରକାର

ବେଙ୍ଗାଲୁରୁ: ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ଆଇପିଏଲ୍ ବିଜୟ ଉତ୍ସବ ସମୟରେ ହୋଇଥିବା ଦଳାଚକଟା ଘଟଣାରେ ରାଜ୍ୟ ସରକାର ହାଇକୋର୍ଟରେ ରିପୋର୍ଟ ଦାଖଲ ପୂର୍ବକ ନିଜ ପକ୍ଷ ରଖିଛନ୍ତି। ରାଜ୍ୟ ସରକାର ଦଳାଚକଟା ଘଟଣା ପାଇଁ ଆର୍‌ସିବି କର୍ତ୍ତୃପକ୍ଷ, ଇଭେଣ୍ଟ ଆୟୋଜନକାରୀ ସଂସ୍ଥା ଡିଏନ୍‌ଏ ଏଣ୍ଟରଟେନ୍‌ମେଣ୍ଟ ପ୍ରା.ଲି. ତଥା ଦଳର ଷ୍ଟାର୍ ଖେଳାଳି ବିରାଟ କୋହଲିଙ୍କୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରିଛନ୍ତି। ଏଥିରେ ସରକାର ଦର୍ଶାଇଛନ୍ତି ଯେ ଆର୍‌ସିବି କର୍ତ୍ତୃପକ୍ଷ ସହରର ପୁଲିସ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ଜୁନ୍ ୪ ତାରିଖରେ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବିଜୟ ପରେଡ୍ ପାଇଁ ଆୟୋଜନ କରିଥିଲା। ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ଭିଡ଼ ପରିଚାଳନା କରିବାକୁ ନେଇ ସଂଶୟ ଥିବାରୁ ବେଙ୍ଗାଲୁରୁ ପୁଲିସ୍ ସିଧାସଳଖ ଏପ୍ରକାର କାର୍ଯ୍ୟକ୍ରମ ପାଇଁ ମନା କରିଦେଇଥିଲା। କିନ୍ତୁ ଆର୍‌ସିବି ନିଜ ହିସାବରେ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ଆଗକୁ ବଢ଼ିଥିଲା।

ରାଜ୍ୟ ସରକାର ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଆର୍‌ସିବି ପକ୍ଷରୁ ନିଜ ଅଫିସିଆଲ୍ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ ଏକ ଫଟୋ ପୋଷ୍ଟ କରିଥିଲା, ଯେଉଁଥିରେ ଲୋକଙ୍କ ପାଇଁ ଷ୍ଟାଡିୟମ୍‌କୁ ମାଗଣା ପ୍ରବେଶ ଘୋଷଣା ସହ ଜନସାଧାରଣଙ୍କୁ ବିଜୟ ପରେଡ୍‌ରେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଥିଲା। ଆର୍‌ସିବି ପକ୍ଷରୁ ଏକ ଭିଡିଓ ମଧ୍ୟ ଜାରି କରାଯାଇଥିଲା ଯେଉଁଥିରେ ବିରାଟ କୋହଲି ଦୀର୍ଘ ୧୮ ବର୍ଷ ପରେ ଆର୍‌ସିବିକୁ ବିଜୟ ପାଳନ କରିବାର ମିଳିଥିବା ସୁଯୋଗରେ ସାମିଲ ହେବାକୁ ବେଙ୍ଗାଲୁରୁବାସୀଙ୍କୁ ଆମନ୍ତ୍ରଣ କରୁଥିବାର ମଧ୍ୟ ଦେଖିବାକୁ ମିଳିଥିଲା। ପରିଣାମ ସ୍ୱରୂପ ବିଜୟ ଉତ୍ସବ ପାଳନ ଦିନ ଷ୍ଟାଡିୟମ୍‌ର କ୍ଷମତା ଠାରୁ ଯଥେଷ୍ଟ ଅଧିକ ଗୁଣରେ ଲୋକ ସମାଗମ ହୋଇଯାଇଥିଲା। କିନ୍ତୁ ଭିଡ଼ ପରିଚାଳନା କରିବାରେ କାର୍ଯ୍ୟକ୍ରମ ଆୟୋଜନକାରୀ ସଂସ୍ଥା, ଆର୍‌ସିବି କର୍ତ୍ତୃପକ୍ଷ ବିଫଳ ହୋଇଥିଲେ, ଯେଉଁ କାରଣରୁ ଏଭଳି ଏକ ବଡ଼ ଦୁର୍ଭାଗ୍ୟଜନକ ଘଟଣା ଘଟିଛି ବୋଲି ରାଜ୍ୟ ସରକାର ନିଜ ରିପୋର୍ଟରେ ଦର୍ଶାଇଛନ୍ତି। ଏତଦ୍‌ବ୍ୟତୀତ ଏହି ଘଟଣାରେ କର୍ଣ୍ଣାଟକ ସରକାର ଆର୍‌ସିବି ଏବଂ ରାଜ୍ୟ କ୍ରିକେଟ୍ ଆସୋସିଏସନ୍ (କେଏସ୍‌ସିଏ) ବିରୁଦ୍ଧରେ ଏକ ଫୌଜଦାରୀ ମାମଲା ରୁଜୁ କରିବାକୁ ମଧ୍ୟ ଅନୁମୋଦନ କରିଛନ୍ତି। କର୍ଣ୍ଣାଟକ ସରକାର ଜଷ୍ଟିସ୍ ମାଇକେଲ୍ ଡି'କୁନହା କମିସନଙ୍କ ରିପୋର୍ଟ ଗ୍ରହଣ କରିବା ପରେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ, କମିସନ ପକ୍ଷରୁ ତଦନ୍ତ ସମୟରେ ଆର୍‌ସିବି ଏବଂ କେଏସ୍‌ସିଏରେ ଅନେକ ଅନିୟମିତତା ରହିଥିବା ନେଇ ଜାଣିବାକୁ ପାଇଥିଲା। ସରକାର ରିପୋର୍ଟରେ ସ୍ପଷ୍ଟ କରିଛନ୍ତି ଯେ କୋହଲିଙ୍କ ଭିଡିଓ ଯୋଗୁ ଷ୍ଟାଡିୟମ୍‌ରେ ୩ ଲକ୍ଷରୁ ଅଧିକ ଲୋକଙ୍କ ଭିଡ଼ ଜମା ହୋଇଥିଲା। ପୁଲିସ ଏତେ ଭିଡ଼କୁ ନିୟନ୍ତ୍ରଣ କରିବାକୁ ପ୍ରସ୍ତୁତ ନଥିଲା। ଅନ୍ୟପକ୍ଷେ ଆୟୋଜକମାନେ ଷ୍ଟାଡିୟମ୍‌ରେ ପ୍ରବେଶ ପାଇଁ ପାସ୍ ବ୍ୟବସ୍ଥା କଥା ଉଠାଇବାରୁ ଲୋକଙ୍କ ମଧ୍ୟରେ ଠେଲାପେଲା ଆରମ୍ଭ ହୋଇଥିଲା। ଏସବୁ ସହ ଗେଟ୍ ବିଳମ୍ବରେ ଖୋଲିବା ଯୋଗୁଁ ମଧ୍ୟ କିଛି ଲୋକ ଗେଟ୍ ଭିତରକୁ ଧଶେଇ ପଶିବାକୁ ଉଦ୍ୟମ କରି ଦୁର୍ଘଟଣାର ଶିକାର ହୋଇଥିଲେ। ଆଇପିଏଲ୍-୨୦୨୫ରେ ନୂଆକରି ଚାମ୍ପିଅନ୍ ହୋଇଥିଲା ଆର୍‌ସିବି। ଦୀର୍ଘ ୧୮ବର୍ଷ ପରେ ଦଳ ଏହି ବିଜୟ ହାସଲ କରିଥିଲା ଏବଂ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ବିଜୟ ଉତ୍ସବକୁ ପାଳନ କରିବା ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ମଧ୍ୟ ଯୋଗଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ଦୁର୍ଭାଗ୍ୟଜନକ ଭାବେ ଦଳାଚକଟା ଆରମ୍ଭ ହୋଇଯାଇଥିଲା। ଏଥିରେ ୧୧ଜଣ ପ୍ରାଣ ହରାଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ଦେଶବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଥିଲା।

# ତେଜସ୍ୱିନୀ ଫାଉଣ୍ଡେସନ୍ ଟ୍ରଷ୍ଟର ତୃତୀୟ ବାର୍ଷିକ ଉତ୍ସବ ଏବଂ ତେଜସ୍ୱିନୀ ସାପ୍ତାହିକ ଖବରକାଗଜର 'ଡିଜିଟାଲ୍ ମିଡିଆ' ଲୋକାର୍ପଣ ଉତ୍ସବ




ମଞ୍ଚାସୀନ ଅତିଥିବୃନ୍ଦ



ନିମନ୍ତ୍ରିତ ଅତିଥିମାନେ



ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ

## ସାପ୍ତାହିକ ଖବରକାଗଜ ତେଜସ୍ୱିନୀର ଡିଜିଟାଲ ମିଡିଆ ଲୋକାର୍ପଣ

ଉପସ୍ଥାପନା: ରଣଜିତ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି, ତେଜସ୍ୱିନୀ

ଭୁବନେଶ୍ୱର: ସମାଜସେବୀ ଅନୁଷ୍ଠାନ ତେଜସ୍ୱିନୀ ଫାଉଣ୍ଡେସନର ତୃତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ସାପ୍ତାହିକ ପତ୍ରିକା ତେଜସ୍ୱିନୀର ଡିଜିଟାଲ ମିଡିଆର ଲୋକାର୍ପଣ ଉତ୍ସବ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ସଭାପତି ଯତୀନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ବ୍ରଜ କିଶୋର ନାୟକ, ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତିଭୂଷଣ କର, ଉପଦେଷ୍ଟା ଗିରିଜା ଶଙ୍କର ରାୟ, ସମ୍ପାଦକ ସଞ୍ଜୀ ସମୀର ମହାପାତ୍ର ପ୍ରମୁଖ ଯୋଗଦାନ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଡିଜିଟାଲ ମିଡ଼ିଆକୁ ଲୋକାର୍ପଣ କରି ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଗଣମାଧ୍ୟମ ସମାଜର ପୀଡ଼ିତ ନିଷ୍ପେସିତ ସାଧାରଣ ଲୋକଙ୍କ ସ୍ୱର ହେଉ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡାକ୍ତର ଜଗଦୀଶ ବେହେରା, ସାହିତ୍ୟିକ ଶତ୍ରୁଜିତ, ସମାଜସେବୀ ଶିବସୁନ୍ଦର ସ୍ୱାଇଁ, ପର୍ବତାରୋହୀ ମଧୁସ୍ମିତା ପାତ୍ର, ସାମ୍ବାଦିକା ବନିତା ସାହୁ, ବିଏମ୍ ହାଇସ୍କୁଲର ମେଧାବୀ ଛାତ୍ରୀ ଇପ୍ସିତା ଛୋଟରାୟଙ୍କୁ ତେଜସ୍ୱିନୀ ସମ୍ମାନ ୨୦୨୫ ପ୍ରଦାନ କରାଯାଇଥିଲା। ଏହା ସହିତ ଟ୍ରଷ୍ଟର କିଛି ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁସୂୟା ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଟ୍ରଷ୍ଟର ଉପସଭାପତି ରଣଜିତ ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଦସ୍ୟ କମଳ କୁମାର ଧଳ, ରତ୍ନାକର ମହାମାନସିଂ, ଅମୀୟ ପ୍ରକାଶ ମହାନ୍ତି, ସୋନମ ମହାପାତ୍ର, ବିକାଶ ଜ୍ୟୋତି ବସନ୍ତରାୟ, ଅଞ୍ଜନା ପଟ୍ଟନାୟକ, ଚିନ୍ମୟୀ ମହାନ୍ତି ଓ ରବିରତ୍ନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୋନମ୍ ମହାପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

## ତେଜସ୍ୱିନୀ ପ୍ରତିଭା ସମ୍ମାନ ୨୦୨୫ - ସମ୍ମାନିତ ପ୍ରତିଭା



ସାମ୍ବାଦିକା ବନିତା ସାହୁ



ସାହିତ୍ୟିକ ଶତ୍ରୁଜିତ



ପର୍ବତାରୋହୀ ମଧୁସ୍ମିତା ପାତ୍ର


ସମାଜସେବୀ ଶିବସୁନ୍ଦର ସ୍ୱାଇଁ


ମେଧାବୀ ଛାତ୍ରୀ ଇପ୍ସିତା ଛୋଟରାୟ, ବି. ଏମ୍. ହାଇସ୍କୁଲ


ଚିକିତ୍ସକ ଜଗଦୀଶ ବେହେରା


ଟ୍ରଷ୍ଟର କର୍ମଚାରୀ ଏବଂ ସଦସ୍ୟବୃନ୍ଦ


ରବିରତ୍ନ ପଟ୍ଟନାୟକ

**ସମ୍ବର୍ଦ୍ଧିତ କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା**


ଅମୀୟ ପ୍ରକାଶ ମହାନ୍ତି


ତାପସ କୁମାର ପାତ୍ର


କମଳ କୁମାର ଧଳ


ବିକାଶ ଜ୍ୟୋତି ବସନ୍ତରାୟ


ସ୍ମୃତି ସ୍ୱାଗତ ରାୟ ମହାପାତ୍ର


ରତ୍ନାକର ମହାମାନ ସିଂ


ସୋନମ ମହାପାତ୍ର

# ନିଆରା ବେଡ୍

ପିଲାଙ୍କ ବେଡ୍‌ରୁମ୍ ଏମିତି ହେବା ଜରୁରୀ ଯେଉଁଠି ସମୟ ବିତାଇବାରେ ପିଲାଙ୍କୁ ଖୁସି ମିଳୁଥିବା। ଖାସ୍‌କରି ଯଦି ତାଙ୍କ ବେଡ୍ ଆକର୍ଷକ ଓ ମଜାଦାର ହୁଏ ତେବେ ତାଙ୍କୁ ଏକୁଟିଆ ଶୋଇବାକୁ ବି ଡର ଲାଗିବ ନାହିଁ। ଯେମିତିକି ଏଇସବୁ ବେଡ୍...








**କନ୍‌ଷ୍ଟ୍ରକ୍ସନ ଟ୍ରକ୍ ବେଡ୍:** କୁନି ପିଲାଙ୍କୁ ଗାଡ଼ି ବହୁତ ଭଲ ଲାଗେ। ସେଥିପାଇଁ ତ ଯାହାର ଛୋଟ ଛୁଆଟିଏ ଅଛି ସେ ଘରେ ଗାଡ଼ିର ଖେଳଣା ଭର୍ତ୍ତି ହୋଇରହିଥାଏ। ଭାବିଲେ ଦେଖି ଯଦି ସେମାନଙ୍କୁ କନ୍‌ଷ୍ଟ୍ରକ୍ସନ ଟ୍ରକ୍ ପରି ଦେଖାଯାଉଥିବା ଏହି ବେଡ୍ ମିଳିଯାଏ ତେବେ କେତେ ଖୁସି ହେବେ। ଏହି ବେଡ୍‌ରେ ଆରାମଦାୟକ ବିଛଣା ସହ ବହି ଓ କଣ୍ଢେଇ ରଖିବାକୁ ଥାକ ବି ରହିଛି।

**ଟ୍ରାକ୍ଟର ବେଡ୍:** ଏହି ବେଡ୍ ବି ପିଲାଙ୍କୁ ବହୁତ ଭଲ ଲାଗିବ। ଟ୍ରାକ୍ଟର ପରି ଦେଖିବାକୁ ଉକ୍ତ ବେଡ୍‌ରେ ବଡ଼ ବଡ଼ ଚକ, ଷ୍ଟିୟରିଂ ହ୍ୱିଲ୍ ଅଛି। ଡ୍ରାଇଭର୍ ବସିବା ସ୍ଥାନରେ ଛୋଟ ଛାତ ବି ଅଛି। ଛୋଟ ପିଲା ଏହାର ଷ୍ଟିୟରିଂ ହ୍ୱିଲ୍‌କୁ ଧରି ଟ୍ରାକ୍ଟର ଚଲାଇବା ପରି ଅନୁଭବ କରିବେ। ଏହି ବେଡ୍‌କୁ ଆସେମ୍ବଲ କରିବା ସହଜ ଓ ସ୍ଥାନାନ୍ତର କରିବା ବି ସହଜ।

**ପାର୍କର ସ୍ଲାଇଡ୍ ପରି ବେଡ୍:** ପିଲାମାନଙ୍କୁ ପାର୍କ ଯିବା କେତେ ଭଲ ଲାଗେ ତାହା ସମସ୍ତେ ଜାଣନ୍ତି। ସେଠି ସେମାନେ ଦୋଳିରେ ଝୁଲିବା ସହ ସ୍ଲାଇଡ୍‌ରେ ଖସିବାକୁ ବେଶ୍ ଭଲପାଆନ୍ତି। ତେବେ ଯଦି ପାର୍କର ସ୍ଲାଇଡ୍ ପରି ଖଟ ପିଲାଙ୍କ ରୁମ୍‌ରେ ରହେ ପିଲାଙ୍କ ଖୁସିର ଠିକଣା ରହିବନି। ଏ ହେଉଛି ସେମିତି ଏକ ସ୍ଲାଇଡ୍ ପରି ବେଡ୍, ଯେଉଁଥରେ ଶିଡ଼ି ଅଛି, ଯାହାକୁ ଚଢ଼ି ବେଡ୍‌କୁ ଯିବାକୁ ହୁଏ। ପୁଣି ଓହ୍ଲାଇବା ପାଇଁ ଅଛି ସ୍ଲାଇଡ। ଯେଉଁଥିରୁ ଖସି ସେମାନେ ବେଶ୍ ମଜାରେ ତଳକୁ ଓହ୍ଲାଇବେ। ଏଥିରେ ବହି ରଖିବା ଲାଗି ଥାକ ସହ ପଢ଼ିବା ଲାଗି ଡେସ୍କ ବି ଅଛି। ଏଭଳି ମଜାଦାର ପରିବେଶରେ ଶୋଇବା ଓ ପଢ଼ିବାକୁ କେଉଁ ପିଲାଙ୍କୁ ବା ଭଲ ନ ଲାଗିବ।

**ଫାୟାର୍ ଟ୍ରକ୍ ବେଡ୍:** ଲାଲ ରଙ୍ଗର ଏହି ଫାୟାର ଟ୍ରକ୍ ବେଡ୍ ବି ଛୋଟ ପିଲାଙ୍କୁ ବହୁତ ଭଲ ଲାଗିବ। ଏହା ସେମାନଙ୍କୁ ଫାୟାର୍ ଫାଇଟର୍‌ର ଅନୁଭବ ଦେବ। ଏହି ବେଡ୍‌ରେ ଏକ ଫାୟାର୍ ଟ୍ରକ୍‌ରେ ଥିବା ଶିଡ଼ି ପରି ଶିଡ଼ି ରହିଛି। ଏହି ବେଡ୍‌କୁ ଚଢ଼ିବା ଓହ୍ଲାଇବା ବେଶ୍ ସହଜ। ବେଡ୍‌ର ସାମ୍‌ନା ଭାଗରେ ଥିବା ଏଲ୍‌ଇଡି ହେଡ୍‌ଲାଇଟ୍ ଓ ଏଥିରେ ଲାଗିଥିବା ଚକ ଏହି ବେଡ୍‌କୁ ସତସତିକା ଫାୟାର୍ ଟ୍ରକ୍‌ର ଲୁକ୍ ଦିଏ।

**ଚଢ଼େଇ ବସା ପରି ବେଡ୍:** ଏହା ଦେଖିବାକୁ ପୂରାପୂରି ଚଢ଼େଇ ବସା ଭଳି। ହେଲେ ଏହି ବେଡ୍‌ରେ ନ ଥାଏ କାଠିକୁଟା ବରଂ ନରମ ଆରାମଦାୟକ ଗଦି ଓ ତା'ସହ ଅଣ୍ଡା ଆକୃତିର ତକିଆ। ବେଶ୍ ଆରାମଦାୟକ ଏହି ବେଡ୍‌ରେ ପିଲାମାନେ ଡିଆଁଡେଇଁ କରିବା, ଆରାମରେ ଗଡ଼ିବାକୁ ଭଲ ପାଇବେ।

**ହେଲିକପ୍ଟର ବେଡ୍:** ଏହି ବେଡ୍ ଦେଖିବାକୁ ସତସତିକା ହେଲିକପ୍ଟର ପରି। ପିଲାମାନେ ଏଥିରେ ଶୋଇଲେ ହେଲିକପ୍ଟରରେ ବସି ଆକାଶରେ ଉଡୁଥିବାର ସ୍ୱପ୍ନ ନିଶ୍ଚୟ ଦେଖିବେ। କାରଣ ଏହାର ୱିଙ୍ଗ୍‌ସ, ଟେଲ୍ ସବୁକିଛି ଅବିକଳ ହେଲିକପ୍ଟର ପରି।

**ପ୍ରାଣୀ ଆକାରର ବେଡ୍:** ପ୍ରାଣୀଙ୍କୁ ଭଲ ପାଉଥିବା ପିଲାଙ୍କୁ ଏହି ବେଡ୍ ନିଶ୍ଚିତଭାବେ ଭଲ ଲାଗିବ। ଏହା କୁକୁର, ଭାଲୁ, ବିଲେଇ ଭଳି ପ୍ରାଣୀଙ୍କ ଆକାରରେ ତିଆରି ହୋଇଥାଏ। ଅର୍ଥାତ୍ ବେଡ୍‌କୁ ଦେଖିଲେ ଲାଗିବ ସତେ ଯେମିତି ବିରାଟକାୟ ଭାଲୁ ଅବା କୁକୁର ଘରେ ଶୋଇଛି। ଆଉ ଯଦି ପିଲାମାନେ ଏହା ଉପରେ ଶୁଅନ୍ତି ତେବେ ଲାଗେ ସତେ ଯେମିତି ସେମାନେ ତାଙ୍କ ପେଟ ଉପରେ ଶୋଇଛନ୍ତି। ବେଶ୍ ଆରାମଦାୟକ ଏହି ବେଡ୍ ଓ ଦେଖିବାକୁ କ୍ୟୁଟ୍ ବି।

**ଟ୍ରି ହାଉସ୍ ପରି ବେଡ୍:** ଟ୍ରି ହାଉସ୍ ଅନେକଙ୍କୁ ଭଲ ଲାଗେ। ଟ୍ରି ହାଉସ୍ ପରି ଦେଖିବାକୁ ଏହି ବେଡ୍ ପିଲାଙ୍କର ଗଛ ଉପରେ ଘର କରି ରହିବାର ଇଚ୍ଛାକୁ ଅନେକାଂଶରେ ପୂରଣ କରିବ। ଏହି ବେଡ୍ ଦେଖିବାକୁ ବେଶ୍ ସୁନ୍ଦର। ଏଥିରେ ଶିଡ଼ି ଅଛି ଉପରକୁ ଚଢ଼ିବା ପାଇଁ। ଆଉ ସେଠି ଅଛି ଆରାମଦାୟକ ଗଦି ପଡ଼ିଥିବା ବିଛଣା। ତଳେ ବସିବା ଲାଗି ସୋଫା ବି ଅଛି।














## ରୂପସଜ୍ଜାରେ ଅଳଙ୍କାର

ଅଳଙ୍କାର ପ୍ରତ୍ୟେକ ମହିଳାଙ୍କୁ ପ୍ରିୟ ଅଟେ। ଅଳଙ୍କାରକୁ ନେଇ ସଭିଁଙ୍କ ରୁଚି ଭିନ୍ନ। ନିଜକୁ ସୁନ୍ଦର ଓ ଆକର୍ଷିତ କରିବା ପାଇଁ ବିଭିନ୍ନ ରକମର ଅଳଙ୍କାରକୁ ବ୍ୟବହାର କରିଥାଆନ୍ତି। ଅଳଙ୍କାର ମଧ୍ୟରେ କେବଳ ସୁନା, ରୁପା ଖାଲି ନୁହେଁ, ଏବେ ବଜାରରେ ଭିନ୍ନ ଭିନ୍ନ ପ୍ରକାର ଅଳଙ୍କାର ମିଳୁଛି। ଯେପରି ବମ୍ବୋ, କଲର୍ଡ୍, ଥ୍ରେର୍ଡ୍ ଜୁଏଲରୀ। ଏହି ପ୍ରକାରର ଅଳଙ୍କାରକୁ ଆଜିକାଲି ସଭିଁଏ ଖୁବ୍ ପସନ୍ଦ କରୁଛନ୍ତି। ଏହି ଅଳଙ୍କାରମାନଙ୍କର ବିଶେଷତ୍ୱ ହେଉଛି ଯେ ଆପଣ ନିଜ ପୋଷାକ ଅନୁଯାୟୀ ମେଳ ଖାଇଲା ଭଳି ଏହାକୁ ପିନ୍ଧିପାରିବେ। ଜାଣନ୍ତୁ, ଅଳଙ୍କାରକୁ କିଭଳି ପିନ୍ଧିଲେ ସୌନ୍ଦର୍ଯ୍ୟ ବଢ଼ିଥାଏ।

❒ ଅଧିକ ପରିମାଣରେ ଅଳଙ୍କାର ପିନ୍ଧିଲେ ତାହା ଭଲ ଲାଗିନଥାଏ। ଯଦି ଆପଣ ଗଳାରେ ବଡ଼ ଧରଣର ହାର ପିନ୍ଧୁଛନ୍ତି, ତେବେ କାନରେ ଅଧିକ ଭାରି ଅଳଙ୍କାର ପିନ୍ଧନ୍ତୁ ନାହିଁ।

❒ ପାରମ୍ପରିକ ପୋଷାକରେ ଅଧିକ ଭାରି ଅଳଙ୍କାର ପିନ୍ଧିଲେ, ଏହା ସୁନ୍ଦର ଦେଖାଯାଏ।

❒ ବିବାହ ଓ ଉତ୍ସବମାନଙ୍କରେ ଗଲାବେଳେ ରଙ୍ଗବେରଙ୍ଗର ଅଳଙ୍କାର ସହ ପୋଷାକ ମଧ୍ୟ ରଙ୍ଗବେରଙ୍ଗର ପିନ୍ଧିଲେ ଭଲ ଲାଗିଥାଏ। ହାଲ୍‌କା ରଙ୍ଗର ପୋଷାକ ସହ ମଧ୍ୟ ରଙ୍ଗବେରଙ୍ଗର ଅଳଙ୍କାର ପିନ୍ଧିଲେ ଖୁବ ଭଲ ଲାଗେ।

❒ ଏକ ରଙ୍ଗର ପୋଷାକ ସହ ବିଭିନ୍ନ ରଙ୍ଗର ଅଳଙ୍କାର ପିନ୍ଧିଲେ ମଧ୍ୟ ଖୁବ୍ ସୁନ୍ଦର ଦେଖାଯାଏ।

# ବୌଦ୍ଧ କ୍ଷେତ୍ର ତୱାଙ୍ଗ୍







**ଅରୁଣାଚଳ ପ୍ରଦେଶର ଏକ ଆକର୍ଷଣୀୟ ସହର ହେଉଛି ତୱାଙ୍ଗ୍; ଯେଉଁଠାରେ ଦେଖିବା ପାଇଁ ରହିଛି ପାହାଡ଼, ଝରଣା ତଥା ଅନେକ ବୌଦ୍ଧ ମଠ। ତନ୍ମଧ୍ୟରୁ ତୱାଙ୍ଗ୍ ମଠଟି ହେଉଛି ଏହି ସହରର ଏକ ମୁଖ୍ୟ ଆକର୍ଷଣ; ଯାହାକୁ ଦେଖିବାକୁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଗହଳି ପରିଲକ୍ଷିତ ହୋଇଥାଏ।**

ଅରୁଣାଚଳ ପ୍ରଦେଶର ତୱାଙ୍ଗ୍ ଜିଲ୍ଲା ଅନ୍ତର୍ଗତ ଏକ ଆକର୍ଷଣୀୟ ସହର ହେଉଛି ତୱାଙ୍ଗ୍; ଯାହା ତୱାଙ୍ଗ୍ ଚୁ ନାମକ ଏକ ନଈ ନିକଟରେ ଗଢ଼ିଉଠିଛି। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଏଠାରେ ରହିଛି ଅନେକ ସୁନ୍ଦର ସୁନ୍ଦର ପାହାଡ଼, ଝରଣା, ପାହାଡ଼ ଉପରେ ଥିବା ବୌଦ୍ଧମଠ ତଥା ଆଖପାଖର ଛୋଟ ଛୋଟ ଗାଁ। କହିବାକୁ ଗଲେ ଏଠାରେ ଐତିହାସିକ, ଧାର୍ମିକ ତଥା ପୌରାଣିକ କଥାବସ୍ତୁର ଏକ ନିଛକ ସମ୍ମିଶ୍ରଣ ଦେଖିବାକୁ ମିଳିଥାଏ। ତା'ଛଡ଼ା ଏହି ଅଞ୍ଚଳରେ ମୁଖ୍ୟତଃ ମୋନପା ନାମକ ଏକ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରିଥାନ୍ତି; ଯେଉଁମାନେ କି ପାହାଡ଼ ଉପରେ ପଥର ଓ ବାଉଁଶରେ ତିଆରି ସ୍ୱତନ୍ତ୍ର ଧରଣର ଘରେ ରହିବାକୁ ପସନ୍ଦ କରିଥାନ୍ତି। ସେମାନଙ୍କର ଏହି ଘର ହିଁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ କିଛିଟା ଭିନ୍ନ ଅନୁଭୂତି ଦେଇଥାଏ। ତା'ଛଡ଼ା ଏଠାରେ ତୱାଙ୍ଗ୍ ମଠ ନାମକ ଏକ ବଡ଼ ବୌଦ୍ଧମଠ ମଧ୍ୟ ରହିଛି; ଯାହାକି ଏଠାକାର ଅନ୍ୟତମ ମୁଖ୍ୟ ଆକର୍ଷଣ ସାଜିଥାଏ।

## ତୱାଙ୍ଗ୍ ମଠ

ଏହା ହେଉଛି ତୱାଙ୍ଗ୍ ସହରର ଏକ ବଡ଼ ବୌଦ୍ଧମଠ। ସୂଚନାନୁଯାୟୀ, ପଞ୍ଚମ ଦଲାଇ ଲାମା ନଗୱାଙ୍ଗ୍ ଲୋବସାଙ୍ଗ ଗ୍ୟାତସୋଙ୍କ ଇଚ୍ଛାନୁସାରେ ତାଙ୍କ ଶିଷ୍ୟ ମେରାକ ଲାମା ଲୋଡ୍ରେ ଗ୍ୟାତସୋ ୧୬୮୦-୮୧ ମସିହାରେ ଏହି ମଠଟିକୁ ଏଠାରେ କୁଆଡ଼େ ନିର୍ମାଣ କରାଇଥିଲେ। ଏହି ମଠଟି ଏକ ପାହାଡ଼ ଉପରେ ନିର୍ମିତ; ଯାହାର ଉଚ୍ଚତା ପାଖାପାଖି ଦଶହଜାର ଫୁଟ ହେବ। ସେଥିପାଇଁ ଦୂରରୁ ଦେଖିଲେ ଉକ୍ତ ମଠଟି ଏକ ଦୁର୍ଗ ଭଳି ମନେ ହୋଇଥାଏ। ତା'ଛଡ଼ା ଏହି ମଠଟି କେବଳ ତୱାଙ୍ଗ୍‌ର ନୁହଁ, ଭାରତର ମଧ୍ୟ ଏକ ବଡ଼ ବୌଦ୍ଧ ମଠ; ଯେଉଁଠାରେ ଏକକାଳୀନ ୭୦୦ ବୌଦ୍ଧ ସାଧୁ ରହିବାର ସୁବିଧା ରହିଛି। ଏହି ମଠ ପାର୍ଶ୍ୱ ଦେଇ ଏକ ଜଳଧାରା ବୋହିଯାଉଛି; ଯାହାର ଅପୂର୍ବ ଦୃଶ୍ୟ ବେଶ୍ ମନଛୁଆଁ ହେବା ସହ ଏହାର ଶୁଦ୍ଧଜଳ ମଠର ଆବଶ୍ୟକତାକୁ ପୂରଣ କରିବାରେ ସାହାଯ୍ୟ କରୁଛି। ତେବେ ଏହି ମଠର ପ୍ରବେଶଦ୍ୱାର ଦକ୍ଷିଣ ଦିଗକୁ ରହିଛି; ଆଉ ଏହି ଦ୍ୱାର ଦେଶରେ କରାଯାଇଥିବା ଆକର୍ଷଣୀୟ ଚିତ୍ରକଳା ପର୍ଯ୍ୟଟକଙ୍କୁ ଖୁବ୍ ପସନ୍ଦ ଆସୁଛି। ସେହିପରି ଉକ୍ତ ମଠ ପରିସରରେ ଥିବା ପ୍ରାୟ ୮ ମିଟର ଉଚ୍ଚତା ବିଶିଷ୍ଟ ବୁଦ୍ଧ ଦେବଙ୍କର ଏକ ବିରାଟ ମୂର୍ତ୍ତିଟି ଉକ୍ତ ମଠର ଶୋଭାକୁ ଆହୁରି ବଢ଼ାଇ ଦେଉଛି।

## ଆଉ କ'ଣ ଦେଖିବେ

ତୱାଙ୍ଗ୍ ମଠ ବ୍ୟତୀତ ପର୍ଯ୍ୟଟକ ଏଠାକାର ଆଖପାଖ ଅଞ୍ଚଳରେ ଆହୁରି କେତୋଟି ଆଦୃଶିଆ ପର୍ଯ୍ୟଟନସ୍ଥଳୀ ମଧ୍ୟ ଦେଖିପାରିବେ। ଯେମିତିକି: ସେଲା ପାସ୍, ବୁମ୍‌ଲା, ଲୁମ୍‌ଲା, ମାଧୁରୀ ହ୍ରଦ, ଜେମିଥାଙ୍ଗ ଇତ୍ୟାଦି। ତା'ଛଡ଼ା ଏଠାକାର ଆଖପାଖ ଅଞ୍ଚଳରେ ଥିବା ଛୋଟ ଛୋଟ ଗାଁକୁ ଯାଇ ସେମାନଙ୍କର ଖାଦ୍ୟପେୟ, ଚାଲିଚଳଣ, ପରମ୍ପରା ଆଦିକୁ ନିକଟରୁ ଜାଣିବାର ଭଲ ସୁଯୋଗ ବି ଏଠାରେ ରହିଛି।

## ଅର୍ଥନୀତି

ସୂଚନାନୁଯାୟୀ, ଏଠାକାର ଲୋକେ ମୁଖ୍ୟତଃ ଚାଷବାସ ତଥା ପଶୁପାଳନରୁ ସେମାନଙ୍କ ଗୁଜରାଣ ମେଣ୍ଟାଇଥାନ୍ତି। ତା'ଛଡ଼ା ପର୍ଯ୍ୟଟନରୁ ବି ଏଠାକାର ଅର୍ଥନୀତି କିଛିଟା ସୁଦୃଢ଼ ହୋଇଥାଏ।

## କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ଯିବାର ସୁବିଧା ରହିଛି। ତେବେ ସୂଚନାନୁଯାୟୀ, ଶୀତଦିନେ ଏଠାରେ କୁଆଡ଼େ ତୁଷାରପାତ ହୁଏ। ଆଉ ଏହି ସମୟରେ କିଛି ଲୋକ ଏଠାକୁ ସ୍କିଂ କରିବାକୁ ତଥା ତୁଷାରପାତର ମଜା ନେବାକୁ ଆସିଥାନ୍ତି ବୋଲି ନଜିର ରହିଛି। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ଅଛି। ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରଠାରୁ ପ୍ରାୟ ୪୪୮ କି.ମି ଦୂରରେ ଥିବା ଏହି ସ୍ଥାନକୁ ଯିବା ପାଇଁ ନିକଟତମ ରେଲଷ୍ଟେଶନ ହେଉଛି ନାହାରଲାଗୁନ ରେଲୱେ ଷ୍ଟେଶନ; ଯାହାକି ଇଟାନଗରଠାରୁ ମାତ୍ର ୧୫ କି.ମି ଦୂରରେ ଅବସ୍ଥିତ।



## ଜନ୍ମଦିନରେ ସାଙ୍ଗ ଘରେ ସଫେଇ

ଜନ୍ମଦିନ ସମସ୍ତଙ୍କ ପାଇଁ ଖାସ ହୋଇଥାଏ। ନୂଆଡ୍ରେସ ସାଙ୍ଗକୁ ଜନ୍ମଦିନ କେକ ମଧ୍ୟ କଟା ଯାଇଥାଏ। ସାଙ୍ଗସାଥୀ ଏବଂ ବନ୍ଧୁବାନ୍ଧବଙ୍କୁ ଏହି ଦିନ ନିମନ୍ତ୍ରଣ କରାଯାଇଥାଏ। କେହି କେହି ବାହାରକୁ ଯାଇ ଏହି ଦିନକୁ ଧୁମଧାମରେ ପାଳିଥାନ୍ତି ତ ଅନ୍ୟ କିଛି ଲୋକ ଘରେ ନିଜ ପରିବାର ସହିତ ଜନ୍ମଦିନ ପାଳନ କରିଥାନ୍ତି। ଏହା ସହିତ ଘରେ ବିଭିନ୍ନ ପ୍ରକାରର ଖାଇବା ଜିନିଷ ମଧ୍ୟ ତିଆରି କରାଯାଇଥାଏ। ଥରେ ଭାବନ୍ତୁ ଯଦି ଆପଣଙ୍କୁ ନିଜ ଜନ୍ମଦିନରେ ଏ ସବୁ ବଦଳରେ କାହାର ଘର ସଫା କରିବାକୁ କୁହାଯାଏ, ଆପଣଙ୍କୁ କେମିତି ଲାଗିବ ? ଏହା କୌଣସି ମନଗଢ଼ା କାହାଣୀ ନୁହେଁ, ଏପରି ଜର୍ମାନୀରେ ଦେଖିବାକୁ ମିଳିଥାଏ। ଯଦି ଆପଣ ଜର୍ମାନୀ ଯାଉଛନ୍ତି, ତେବେ ସେଠାରେ ନିଜର ଜନ୍ମଦିନ ଥରେ ପାଳନ କରନ୍ତୁ। କିନ୍ତୁ ସର୍ତ୍ତ ଅନୁସାରେ ଆପଣଙ୍କୁ ସେଠାରେ ଆପଣଙ୍କ ସାଙ୍ଗର ଘର ସଫା କରିବାକୁ ପଡ଼ିବ। ଏହା ସେଠାର ପରମ୍ପରା। ଏହି ପରମ୍ପରା ପୁରୁଣା ହୋଇଥିଲେ ମଧ୍ୟ ଜନ୍ମଦିନକୁ ଖାସ କରିବା ପାଇଁ ଏହା ଆଜି ମଧ୍ୟ ପାଳନ କରାଯାଉଛି। ଏହା ବ୍ୟତୀତ ମଧ୍ୟ ଜନ୍ମଦିନକୁ ନେଇ ଜର୍ମାନୀରେ ଅନେକ ପରମ୍ପରା ରହିଛି। ଯାହାକି ବର୍ଷ ବର୍ଷ ଧରି ପାଳନ କରାଯାଉଛି। ସେଗୁଡିକ ମଧ୍ୟରୁ ଗୋଟିଏ ହେଉଛି 'କ୍ଲିନିଙ୍ଗଦିଡୋରୋନବସ୍'। ସେଠାରେ ଯେଉଁ ବ୍ୟକ୍ତିର ଜନ୍ମଦିନ ହୋଇଥାଏ, ସେ ନିଜର ପ୍ରିୟ ସାଙ୍ଗ ସହ ଘରକୁ ଯାଇ ସଫେଇ କରିଥାନ୍ତି। ଯଦି କୌଣସି ମହିଳାଙ୍କ ଜନ୍ମଦିନ ପାଳନ ହୁଏ ତେବେ ତାଙ୍କୁ କବାଟ ଓ ଝରକାକୁ ସଫା କରିବାକୁ ପଡ଼ିଥାଏ ଏବଂ ପୁରୁଷଙ୍କୁ ଜନ୍ମଦିନ ହୋଇଥିଲେ ତାଙ୍କୁ ଝାଡୁମାରିବା, ଘର ପୋଛିବା ସାଙ୍ଗକୁ ଘରର ପ୍ରତ୍ୟେକ କାମ କିଛି ଘଣ୍ଟା କରିବା ପରେ ଜନ୍ମଦିନ ଧୁମଧାମରେ ପାଳନ କରିବା ପାଇଁ ତାଙ୍କୁ ଛାଡ଼ି ଦିଆଯାଇଥାଏ। ଆହୁରି ମଧ୍ୟ ଜର୍ମାନୀରେ କିଛି ସ୍ଥାନରେ ଜନ୍ମଦିନରେ ଲୋକଙ୍କୁ ଘରର କବାଟରେ ବାନ୍ଧି ଦିଆଯାଏ। ଅବିବାହିତ ଯୁବକଯୁବତୀଙ୍କ କ୍ଷେତ୍ରରେ ଏହି ପରମ୍ପରା ବିଶେଷ ଗୁରୁତ୍ୱ ଦିଆଯାଇଥାଏ। ଜନ୍ମଦିନରେ ଘର ସଫେଇ କଲେ, ବ୍ୟକ୍ତିଙ୍କ ଜୀବନରୁ ସମସ୍ୟା ଦୂର ହେବାସହିତ ଶୀଘ୍ର ବିବାହ ହୋଇଯିବ ବୋଲି ବିଶ୍ୱାସ ରହିଛି।

# ୨୦୨୩-୨୪ରେ ବିସିଆଇର ଆୟ ୯୭୪୨ କୋଟି

ମୁମ୍ବାଇ: ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ୯୭୪୨ କୋଟି ଟଙ୍କା ଆୟ କରିଛି। ରେଡିଫ୍ୟୁଜନ୍ ଫାର୍ମର ଏକ ରିପୋର୍ଟ ଅନୁସାରେ ଏହି ଆୟର ସବୁଠୁ ବଡ଼ ଅଂଶ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ହୋଇଛି। ଏଥିରେ ଆଇପିଏଲ୍ ଏକାକୀ ୫୭୬୧ କୋଟି ଟଙ୍କାର ଯୋଗଦାନ ଦେଇଛି। ଅର୍ଥାତ୍ ବୋର୍ଡର ମୋଟ ଆୟର ୫୯ ପ୍ରତିଶତ ଆଇପିଏଲରୁ ଆସିଛି। ଏହା ମଧ୍ୟରେ ମିଡିଆ ରାଇଟ୍ସ, ଟାଇଟଲ୍ ସ୍ପନସରଶିପ୍ ଏବଂ ଫ୍ରାଞ୍ଚାଇଜି ଫି' ପ୍ରମୁଖ ଆୟର ସ୍ରୋତ।

ଅଣ-ଆଇପିଏଲ୍ ମିଡିଆ ରାଇଟ୍ସରୁ ବିସିସିଆଇର ୩୬୧ କୋଟି ଟଙ୍କା ଆୟ ହୋଇଛି। ଆଇପିଏଲ୍ ଏବେ ବିସିସିଆଇ ଆୟର ସବୁଠୁ ବଡ଼ ସ୍ରୋତ ହୋଇଛି ଏବଂ ରଣଜୀ ଟ୍ରଫି ସମେତ ଘରୋଇ



କ୍ରିକେଟ୍ ଖେଳାଳିଙ୍କୁ ମଧ୍ୟ ବଡ଼ ସୁଯୋଗ ଦେଉଛି।

ଆଇପିଏଲର ମିଡିଆ ରାଇଟ୍ସରୁ ବିସିସିଆଇକୁ ସବୁଠୁ ଅଧିକ ରାଜସ୍ୱ ମିଳିଥାଏ। ସେହିପରି ଟାଇଟଲ୍ ସ୍ପନସରଶିପରୁ ବିସିସିଆଇକୁ ବହୁ ରାଜସ୍ୱ ମିଳିଥାଏ। ୨୦୦୮ରେ ଟାଇଟଲ୍ ସ୍ପନସରଶିପ୍ ପାଇଁ ବୋର୍ଡକୁ ବାର୍ଷିକ ୫୦ କୋଟି ଟଙ୍କା ମିଳୁଥିଲା। ମାତ୍ର ୨୦୨୩ରେ ଏହା ବାର୍ଷିକ ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହୋଇଛି। ଟାଟା ଓ ବିସିସିଆଇ ମଧ୍ୟ ଦୁଇ ବର୍ଷର ଚୁକ୍ତି ହୋଇଥିଲା ଏବଂ ଏଥିପାଇଁ ବିସିସିଆଇକୁ ଟାଟା ୬୦୦ କୋଟି ଟଙ୍କା ଦେଇଛି। ସେହିପରି ଆଇପିଏଲ୍ ଫ୍ରାଞ୍ଚାଇଜି ଫି'ରୁ ମଧ୍ୟ ବିସିସିଆଇ ବହୁ ରାଜସ୍ୱ ଆୟ କରିଥାଏ। ୨୦୨୨ରେ ଦୁଇଟି ନୂଆ ଫ୍ରାଞ୍ଚାଇଜି ଗୁଜରାଟ ଜାଏଣ୍ଟସ ଏବଂ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ଲିଗ୍‌ରେ ସାମିଲ ହୋଇଥିଲେ। ଏଥିରୁ ମଧ୍ୟ ବିସିସିଆଇ ଖାତାରେ ୧୨୫୦୦ କୋଟି ଟଙ୍କା ଯୋଡ଼ି ହୋଇଛି।

ରେଡିଫ୍ୟୁଜନ୍ ମ୍ୟାନେଜିଂ ଡାଇରେକ୍ଟର ସନ୍ଦୀପ ଗୋୟଲ୍ କହିଛନ୍ତି, ବିସିସିଆଇ ପାଖରେ ରଣଜୀ ଟ୍ରଫି, ଦୁଲିପ୍ ଟ୍ରଫି ଏବଂ ସିକେ ନାୟୁଡୁ ଟ୍ରଫି ଭଳି ଟୁର୍ଣ୍ଣାମେଣ୍ଟକୁ ବ୍ୟବସାୟିକ କରାଇବାରେ ବଡ଼ କ୍ଷମତା ରହିଛି, ଯେଉଁଥିରୁ ଅଣ-ଆଇପିଏଲ ରାଜସ୍ୱ ବୃଦ୍ଧି ପାଇପାରେ। ବୋର୍ଡ ନିକଟରେ ପ୍ରାୟ ୩୦ ହଜାର କୋଟି ଟଙ୍କା ରିଜର୍ଭରେ ରହିଛି, ଯେଉଁଥିରୁ ପ୍ରତ୍ୟେକ ବର୍ଷ ପ୍ରାୟ ଏକ ହଜାର କୋଟି ଟଙ୍କା ସୁଧ ମିଳିଥାଏ।

## ଅଷ୍ଟମ ଥର ଟେଷ୍ଟ ବ୍ୟାଟିଂ ଶୀର୍ଷରେ ରୁଟ୍

ଦୁବାଇ: ଇଂଲଣ୍ଡ ବ୍ୟାଟର୍ ଜୋ ରୁଟ୍ ପୁଣିଥରେ ଆଇସିସି ଟେଷ୍ଟ ବ୍ୟାଟିଂ ର୍‍ୟାଙ୍କିଂର ଶୀର୍ଷସ୍ଥାନ ହାସଲ କରିଛନ୍ତି। ଲର୍ଡ଼ସରେ ଖେଳାଯାଇଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟରେ ରୁଟ୍ ଚମତ୍କାର ୧୦୪ ଓ ୪୦ ରନ୍ କରିଥିଲେ, ଯାହା ଫଳରେ ଇଂଲଣ୍ଡ ୨୨ ରନ୍‌ରେ ବିଜୟୀ ହୋଇଥିଲା ଏବଂ ରୁଟ୍‌ଙ୍କୁ ୮୮୮ ରେଟିଂ ପଏଣ୍ଟ ସହ ନମ୍ବର-୧ ର୍‍ୟାଙ୍କିଂ ମିଳିଛି। ରୁଟ୍ ନିଜ ଟିମ୍‌ର ହ୍ୟାରୀ ବ୍ରୁକ୍(୮୬୨)ଙ୍କୁ ପଛରେ ପକାଇ ଅଷ୍ଟମ ଥର ପାଇଁ ନମ୍ବର-୧ ହୋଇଛନ୍ତି। ୩୪ ବର୍ଷ ବୟସରେ ସେ କୁମାର ସାଙ୍ଗକାରାଙ୍କ ପରେ ବୟୋଜ୍ୟେଷ୍ଠ ନମ୍ବର-୧ ବ୍ୟାଟର୍। ଭାରତର ଯଶସ୍ୱୀ ଜୟସ୍ୱାଲ୍ ଓ ଋଷଭ ପନ୍ତଙ୍କୁ ୧-୧ ଏବଂ କ୍ୟାପ୍‌ଟେନ୍ ଶୁଭମନ ଗିଲ୍‌ଙ୍କୁ ୩ ସ୍ଥାନର କ୍ଷତି ହୋଇଛି। ଜୟସ୍ୱାଲ୍ (୮୦୧) ପଞ୍ଚମ ଏବଂ ପନ୍ତ (୭୭୯) ଅଷ୍ଟମ ସ୍ଥାନକୁ ଖସି ଯାଇଛନ୍ତି। ନ୍ୟୁଜିଲାଣ୍ଡର କିମ୍ ୱିଲିୟମସନ୍ (୮୬୭)ଙ୍କୁ ଗୋଟିଏ ସ୍ଥାନର ଲାଭ ହୋଇଛି ଏବଂ ସେ ଦ୍ୱିତୀୟକୁ ଉଠିଥିବା ବେଳେ ଇଂଲଣ୍ଡର ହ୍ୟାରୀ ବ୍ରୁକ୍ (୮୬୨) ତୃତୀୟ ସ୍ଥାନକୁ ଖସି ଆସିଛନ୍ତି। ଟେଷ୍ଟ ବୋଲିଂ ର୍‍ୟାଙ୍କିଂରେ ଭାରତୀୟ ଫାଷ୍ଟ ବୋଲର୍ ଜସପ୍ରୀତ୍ ବୁମ୍ରା (୯୦୧) ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ର୍‍ୟାଙ୍କିଂରେ ଅଷ୍ଟ୍ରେଲୀୟ ବୋଲରମାନଙ୍କ ଦବଦବା କାଏମ ରହିଛି। ସଦ୍ୟ ର୍‍ୟାଙ୍କିଂରେ ଟିମ୍‌ର ରେକର୍ଡ ପାଞ୍ଚଜଣ ବୋଲର୍ ଶୀର୍ଷ-୧୦ରେ ରହିଛନ୍ତି। ଏହା ପୂର୍ବରୁ ୧୯୫୮ରେ ଇଂଲଣ୍ଡର ୬ ଜଣ ବୋଲର୍ ଶୀର୍ଷ-୧୦ରେ ରହିଥିଲେ। ପ୍ୟାଟ୍ କମିନ୍ସ (୩ୟ), ଜୋଶ୍ ହେଜଲଉଡ୍ (୪ର୍ଥ), ନାଥନ୍ ଲାୟନ୍ (୮ମ) ଏବଂ ମିଚେଲ୍ ଷ୍ଟାର୍କ (୧୦ମ) ସ୍ଥାନରେ ରହିଥିବା ବେଳେ ସ୍କଟ୍ ବୋଲାଣ୍ଡ କ୍ୟାରିୟର୍ ଶ୍ରେଷ୍ଠ ୬ଷ୍ଠ ସ୍ଥାନ ହାସଲ କରିଛନ୍ତି। ଭାରତର ୱାଶିଂଟନ୍ ସୁନ୍ଦର ୧୨ ସ୍ଥାନ ଉପରକୁ ଉଠି ୪୬ରେ ପହଞ୍ଚିଛନ୍ତି।

## ମ୍ୟାଜିକ୍ ସ୍କିଲ୍ ପୁରସ୍କାର ଜିତିଲେ ଦୀପିକା

ନୂଆଦିଲ୍ଲୀ: ଭାରତୀୟ ମହିଳା ହକି ଟିମ୍‌ର ଷ୍ଟ୍ରାଇକର୍ ଦୀପିକା ପୋଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ପୁରସ୍କାର ଜିତିଛନ୍ତି। ଏଫଆଇଏଚ୍ ପ୍ରୋ ଲିଗ୍‌ର ୨୦୨୪-୨୫ ସିଜନ୍‌ର ଭୁବନେଶ୍ୱର ଚରଣ ଅବସରରେ ନେଦରଲାଣ୍ଡ ବିପକ୍ଷରେ କରିଥିବା ଫିଲ୍ଡ ଗୋଲ୍ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଏହି ପୁରସ୍କାର ବିଜେତାଙ୍କ ନିଷ୍ପତ୍ତି ସାରା ବିଶ୍ୱର ଖେଳପ୍ରେମୀଙ୍କ ମତଦାନ ଆଧାର ହୋଇଛି। ଦୀପିକା ଏହି ଗୋଲ୍ ୨୦୨୫ ଫେବୃଆରୀରେ ପ୍ରୋ ଲିଗ୍‌ର ଭୁବନେଶ୍ୱର ଚରଣରେ କରିଥିଲେ। କଳିଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ୨-୨ରେ ସମାନ ରହିଥିଲା। ଏହାପରେ ଭାରତ ଶୁଟ୍‌ଆଉଟ୍‌ରେ ନେଦରଲାଣ୍ଡକୁ ହରାଇଥିଲା। ଭାରତ ଦୁଇଟି ଗୋଲ୍ ପଛରେ ରହିଥିବା ବେଳେ ଦୀପିକା ୩୫ତମ ମିନିଟ୍‌ରେ ଏହି ଅବିଶ୍ୱସନୀୟ ଗୋଲ୍ ଦେଇଥିଲେ। ଏହି ପୁରସ୍କାର ପାଇଁ ଦୀପିକାଙ୍କ ସହ ସ୍ପେନ୍‌ର ପାଟ୍ରିସିଆ ଅଲଭାରେଜ୍ ଏବଂ ଅଷ୍ଟ୍ରେଲିଆ ଟିମ୍‌କୁ ନାମାଙ୍କିତ କରାଯାଇଥିଲା।

## ଇଂଲଣ୍ଡ ମାଟିରେ ଇତିହାସ ରଚିଲା ଭାରତୀୟ ମହିଳା ଟିମ୍

ସାଉଥମ୍ପଟନ: ଭାରତୀୟ ମହିଳା କ୍ରିକେଟ୍ ଟିମ୍ ସାଉଥମ୍ପଟନ୍‌ରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୪ ୱିକେଟ୍‌ରେ ନିଜର ନାମରେ କରିଛି। ଏହା ସହିତ ଟିମ୍ ଇଣ୍ଡିଆ ଇଂଲଣ୍ଡ ମାଟିରେ ଇତିହାସ ରଚିଛି। ଭାରତୀୟ ଟିମ୍ ଆଗରେ ୨୫୯ ରନ୍‌ର ଲକ୍ଷ୍ୟ ଥିବାବେଳେ ଟିମ୍ ଏହାକୁ ୪୮.୨ ଓଭର୍‌ରେ ହାସଲ କରିନେଇଛି। ଏହା ସହିତ ଭାରତୀୟ ମହିଳା ଟିମ୍ ଇଂଲଣ୍ଡରେ ଦିନିକିଆ ଫର୍ମାଟ୍‌ରେ ବଡ଼ ଲକ୍ଷ୍ୟକୁ ହାସଲ କରିନେଇଛି। ଏହା ଦିନିକିଆ କ୍ରିକେଟ୍‌ରେ ଇଂଲଣ୍ଡ ବିପକ୍ଷରେ ସବୁଠୁ ବଡ଼ ସଫଳ ରନ୍ ଚେଜ୍। ଭାରତୀୟ ମହିଳା ଟିମ୍ ଦିନିକିଆରେ ସବୁଠୁ ବଡ଼ ରନ୍ ଚେଜ୍ ୨୦୧୨ରେ ଅଷ୍ଟ୍ରେଲିଆ ବିପକ୍ଷରେ କରିଥିଲା।

ସାଉଥମ୍ପନ୍‌ରେ ଖେଳାଯାଇଥିବା ପ୍ରଥମ ଦିନିକିଆରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ଇଂଲଣ୍ଡ ୬ ୱିକେଟ୍ ବିନିମୟରେ ୨୫୮ ରନ୍ କରିଥିଲା। ୨୦ ରନ୍‌ରେ ଇଂଲଣ୍ଡ ଦୁଇ ଓପ୍ନର୍‌ଙ୍କୁ ହରାଇବା ପରେ ଏମ୍ମା ଲାମ୍ବ କ୍ୟାପ୍‌ଟେନ୍ ନାଟ୍ ସାଇଭର୍-ବ୍ରଣ୍ଟଙ୍କ ସହ ତୃତୀୟ ୱିକେଟ୍ ପାଇଁ ୭୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ଲାମ୍ବ ୩୯ ରନ୍ ଏବଂ ବ୍ରଣ୍ଟ ୪୧ ରନ୍ କରିଥିଲେ। ଏହାପରେ ସୋଫିଆ ଡଙ୍କଲେ ଓ ଏଲିସ୍ ଡେଭିଡ୍‌ସନ୍ ରିଚାର୍ଡ୍ସ ପଞ୍ଚମ ୱିକେଟ୍ ପାଇଁ ୧୦୬ ଯୋଡ଼ିଥିଲେ। ଡଙ୍କଲେ ୮୩ ଓ ରିଚାର୍ଡ୍ସ ୫୩ ରନ୍‌ର ଇନିଂସ୍ ଖେଳିଥିଲେ। ସୋଫି ଏକ୍ଲେଷ୍ଟୋନ୍ ଅପରାଜିତ ୨୩ ରନ୍ କରିଥିଲେ। ଭାରତ ପକ୍ଷରୁ ସ୍ନେହ ରାଣା ଓ କ୍ରାନ୍ତି ଗୌଡ଼ ୨-୨ ୱିକେଟ୍ ନେଇଥିବା ବେଳେ ଅମନଜୋତ୍ କୌର୍ ଓ ଶ୍ରୀ ଚରଣୀଙ୍କୁ ୧-୧ ସଫଳତା ମିଳିଥିଲା।

ଜବାବରେ ଭାରତ ୧୦ ବଲ୍ ପୂର୍ବରୁ ବିଜୟ ହାସଲ କରିଥିଲା। ପ୍ରତିକା ରାୱଲ୍ (୩୬) ଓ ସ୍ମୃତି ମନ୍ଧାନା (୨୮) ପ୍ରଥମ ୱିକେଟ୍ ପାଇଁ ୪୮ ରନ୍ ଯୋଡ଼ିଥିଲେ। ଭାରତ ୧୨୪ ରନ୍‌ର ସ୍କୋର୍‌ରେ ୪ ୱିକେଟ୍ ହରାଇବା ପରେ ଜେମିମା ରଡ୍ରିଗ୍ସ ଓ ଦୀପ୍ତି ଶର୍ମା ପଞ୍ଚମ ୱିକେଟ୍ ପାଇଁ ୯୦ ରନ୍ ଯୋଡ଼ି ଟିମ୍‌କୁ ବିଜୟ ନିକଟତର କରିଥିଲେ। ରଡ୍ରିଗ୍ସ ୫୪ ବଲ୍‌ରେ ୪୮ ରନ୍‌ରେ ଆଉଟ୍ ହୋଇଥିବା ବେଳେ ଦୀପ୍ତି ୬୪ ବଲ୍‌ରେ ଅପରାଜିତ ୬୨ ରନ୍ କରି ଟିମ୍‌କୁ ବିଜୟୀ କରାଇଥିଲେ। ଇଂଲଣ୍ଡ ପକ୍ଷରୁ ସୋଫି ଏକ୍ଲେଷ୍ଟୋନ୍ ଓ ଲରେନ୍ ଫାଇଲର୍ ୧-୧ ୱିକେଟ୍ ନେଇଥିଲେ। ସିରିଜ୍‌ର ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଜୁଲାଇ ୧୯ ଓ ୨୨ ତାରିଖରେ ଖେଳାଯିବ।

# ଆଇସିସି ବାର୍ଷିକ ବୈଠକ: ବିଭିନ୍ନ ପ୍ରସଙ୍ଗ ପାଇଁ ଗଠନ ହେବ ନୂଆ ୱାର୍କିଂ ଗ୍ରୁପ୍

ସିଙ୍ଗାପୁର: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ଚାରିଦିନିଆ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ସିଙ୍ଗାପୁରରେ ଚାଲିଛି। ଏହି ଅବସରରେ କେତେକ ମହତ୍ତ୍ୱପୂର୍ଣ୍ଣ ବୈଶ୍ୱିକ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଏକ ନୂଆ ୱାର୍କିଂ ଗ୍ରୁପ୍ ଗଠନ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ କ୍ରିକେଟ୍‌ର ପ୍ରତ୍ୟେକ ଫର୍ମାଟ୍‌ର ସଂରଚନା ଏବଂ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ ପାଇଁ ଯୋଗ୍ୟତା ପ୍ରକ୍ରିୟା ସାମିଲ। ଏହା ମଧ୍ୟ ସ୍ଥିର ହୋଇଛି ସିନିୟର୍ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିବା ପାଇଁ ନ୍ୟୁନତମ ବୟସ ୧୫ ବର୍ଷ ହେବ। ତେବେ ବିଶେଷ ପରିସ୍ଥିତିରେ ଏହାର ସମୀକ୍ଷା କରାଯାଇପାରେ। ଶୁକ୍ରବାର ଆୟୋଜିତ ମୁଖ୍ୟ କାର୍ଯ୍ୟକାରୀ ବୈଠକ (ସିଇସି)ରେ ଏହି ନିଷ୍ପତ୍ତି ନିଆଯାଇଛି।




ନିଷ୍ପତ୍ତି ଅନୁସାରେ ଏକ ୱାର୍କିଂ କମିଟି ଗଠନ କରାଯିବ। ଏହି ଗ୍ରୁପ୍‌ରେ ସିଇସି ଓ ବୋର୍ଡ ସଦସ୍ୟ ସାମିଲ ହେବେ। ଏହାର ମୁଖ୍ୟ କାର୍ଯ୍ୟ ୨୦୨୮ ଅଲିମ୍ପିକ୍ ପାଇଁ ଯୋଗ୍ୟତା ପ୍ରକ୍ରିୟା ସମ୍ପର୍କରେ ପରାମର୍ଶ ଦେବା। ଆଇସିସି ଅନୁସାରେ ର୍‍ୟାଙ୍କିଂ ଆଧାରରେ ଟିମ୍ ଚୟନ କରାଯାଇପାରେ। ମାତ୍ର ଜୟ ଶାହ ଅଧ୍ୟକ୍ଷ ଥିବା ଆଇସିସି ଏହି ନିର୍ଣ୍ଣୟ ୱାର୍କିଂ ଗ୍ରୁପ୍ ଉପରେ ଛାଡ଼ି ଦେଇଛି। କିଛି ସଦସ୍ୟ କ୍ୱାଲିଫିକେସନ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ସମୟର ଅଭାବ ଏବଂ ବ୍ୟସ୍ତ ଫ୍ୟୁଚର୍ ଟୁର୍ସ ପ୍ରୋଗ୍ରାମ (ଏଫଟିପି) କାରଣରୁ ଏହା କଷ୍ଟକର। ଏହା ସତ୍ତ୍ୱେ ସମସ୍ତ ସମ୍ଭାବିତ ବିକଳ୍ପ ଯାଞ୍ଚ ପାଇଁ ଗ୍ରୁପ୍‌କୁ କୁହାଯିବ। ଯଦି ର୍‍ୟାଙ୍କିଂ ଆଧାରରେ କ୍ୱାଲିଫିକେସନ୍ ପାଇଁ ପରାମର୍ଶ ମିଳେ, ତେବେ ଗ୍ରୁପ୍‌କୁ ର୍‍ୟାଙ୍କିଂର ଅନ୍ତିମ ତାରିଖ ସ୍ଥିର କରିବାକୁ ହେବ। ଅଲିମ୍ପିକ୍‌ରେ କେବଳ ୬ ପୁରୁଷ ଓ ୬ ମହିଳା ଟିମ୍ ଭାଗନେବେ। ଏହା ବ୍ୟତୀତ ନୂଆ ସିଇଓ ସଂଯୋଗ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ତର୍ଜାତୀୟ ଖେଳାଳିଙ୍କ ନ୍ୟୁନତମ ବୟସ ୧୫ କରିବାକୁ ନିଷ୍ପତ୍ତି ହୋଇଛି। ଆଇସିସି ମେଡିକାଲ୍ ପରାମର୍ଶଦାତା କମିଟି ଏହି ପରାମର୍ଶ ଦେଇଥିଲା। ଅବଶ୍ୟ ବିଶେଷ ପରିସ୍ଥିତିରେ ଏଥିରେ ରିହାତି ଦିଆଯାଇପାରେ। ତେବେ ସିଇସିରେ ଟେଷ୍ଟ କ୍ରିକେଟ୍‌ର ଦୁଇ ସ୍ତରୀୟ ସିଷ୍ଟମ୍ ଉପରେ କୌଣସି ଆଲୋଚନା ହୋଇନାହିଁ। କିନ୍ତୁ ୱାର୍କିଂ ଗ୍ରୁପ୍‌ଠାରୁ ଏହା ଉପରେ ପରାମର୍ଶ ମଗାଯାଇପାରେ ବୋଲି କୁହାଯାଉଛି। ଏହା ସହିତ ଟି-୨୦ ଓ ଦିନିକିଆ ଫର୍ମାଟ୍‌ରେ ପରିବର୍ତ୍ତନ ଉପରେ ସୁପାରିସ ପାଇଁ ମଧ୍ୟ ଗ୍ରୁପ୍‌କୁ କୁହାଯିବ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।
ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email:
mediatejaswini@gmail.com

**TARIFF**
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**